ବର୍ଷ-୨୪, ସଂଖ୍ୟା-୨୬୯
ଭୁବନେଶ୍ୱର
୦୨ ନଭେମ୍ବର, ୨୦୨୪ ଶନିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 269
Bhubaneswar
02 November, 2024 Saturday
Page-08, Rs.: 2.00

ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

କେନ୍ଦୁଝରରେ ଷ୍ଟିଲପ୍ଲାଣ୍ଟ କରିବେ ଜେଏସ୍‌ଡବ୍ଲୁ ଓ ପୋସ୍କୋ

କେନ୍ଦୁଝର, ୧।୧୧(ମହାଭାରତ): କେନ୍ଦୁଝରରେ ଜେଏସଡବ୍ଲୁ ଓ ପୋସ୍କୋ ମିଳିତ ଭାବେ ଏକ ଷ୍ଟିଲପ୍ଲାଣ୍ଟ କରିବେ। କେନ୍ଦୁଝର ଗସ୍ତ ଅବସରରେ ଏହି ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ସେ କହିଛନ୍ତି, ଦିଲ୍ଲୀ ଓ ମୁମ୍ବାଇରେ ମେକ୍ ଇନ୍ ଓଡ଼ିଶା ରୋଡ୍ ଶୋ' ବେଳେ ଉଭୟ ଜେଏସଡବ୍ଲୁ ଓ ପୋସ୍କୋ ସହ ଆଲୋଚନା କରିଥିଲୁ। ଏହା ଭିତରେ ସେମାନେ ମଧ୍ୟ ପରସ୍ପର ମଧ୍ୟରେ ଏମ୍‌ଓୟୁ କରିଛନ୍ତି। କେନ୍ଦୁଝର ଜିଲ୍ଲାରେ ସେମାନେ ପ୍ଲାଣ୍ଟ କରିବେ ବୋଲି ସୂଚନା ଦେଇଛନ୍ତି। କେନ୍ଦୁଝରରେ ନିଶ୍ଚିତ ଭାବେ ଷ୍ଟିଲ ପ୍ଲାଣ୍ଟ ହେବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ।

ଆଜି ମୁଖ୍ୟମନ୍ତ୍ରୀ ସକାଳ ୯ ଟା ସମୟରେ ନିଜ ଜନ୍ମ ମାଟି ରାଇକଳା କୁ ଯାଇ ପରିବାର ଲୋକ ଓ ମା ଙ୍କ ସହ କିଛି ସମୟ ବିତାଇବା ପରେ କେନ୍ଦୁଝର ସହର କୁ ଫେରୀ ପ୍ରଥମେ ମାଧପୁର କାଳୀ ମନ୍ଦିର , ନେତ୍ରା କାଳୀ ପୂଜା ମଣ୍ଡପ , କାଳୀ ତୀର୍ଥ ପୂଜା ମଣ୍ଡପ ଓ ଶେଷରେ ମାଇନିଂ କାଳୀ ମଣ୍ଡପ କୁ ଯାଇ ମାଁ ଙ୍କୁ ଦର୍ଶନ କରିବା ସହ ତାଙ୍କର ଆଶିଷ ଲାଭ କରିଥିଲେ।

ମୁଖ୍ୟମନ୍ତ୍ରୀ ହେବା ପରେ ଏହା ତାଙ୍କର ପ୍ରଥମ

କାଳୀ ପୂଜା ଓ ଦୀପାବଳି ଉତ୍ସବ ଏବଂ ଏହାକୁ ସେ ନିଜ ଗାଁରେ ପାଳନ କରିଛନ୍ତି। ପ୍ରଥମେ ସେ ନିଜ ଗାଁ ମୁଣ୍ଡ ପଡ଼ିଆରେ ଗୋଠାଣି ପୂଜାରେ ଯୋଗ ଦେବାପରେ ନିଜ ପରିବାର ଓ ଆତ୍ମୀୟ ସ୍ୱଜନଙ୍କ ସହିତ ଦୀପାବଳି ପାଳନ କରିଛନ୍ତି। କାଳୀପୂଜାରେ ଘରେ ପୂଜା କରିବା ସହ, ଗାଁରେ ଲୋକଙ୍କ ସହିତ ନିଜକୁ ଏଥିରେ ସାମିଲ୍ କରିଥିଲେ ମୁଖ୍ୟମନ୍ତ୍ରୀ ।

ସେ କହିଛନ୍ତି, କେନ୍ଦୁଝର ଜିଲ୍ଲା ବହୁତ ଦେଇଛି। କିନ୍ତୁ ପାଇଛି କମ୍। ଓଡ଼ିଶାର ବିକାଶ କେନ୍ଦୁଝରରୁ ଆରମ୍ଭ ହେବୟ ଓଡ଼ିଶା ସୁନାର ଓଡ଼ିଶା ହେବ। ସୁନାର କେନ୍ଦୁଝର ହେଲା ପରେ ଯାଇ ଓଡ଼ିଶା ସୁନାର ଓଡ଼ିଶା ହେବ।ମା' କାଳୀଙ୍କ ନିକଟରେ ଏନେଇ ଆଜି ପ୍ରାର୍ଥନା କରିଛି। କେନ୍ଦୁଝର ଲୋକଙ୍କ ସୁଖସମୃଦ୍ଧି ବୃଦ୍ଧି କରିବା ସହିତ ସେମାନେ କିଭଳି ସ୍ୱାବଲମ୍ବୀ ହେବେ, ସେମାନେ କିଭଳି ଆର୍ଥିକ କ୍ଷେତ୍ରରେ ଉନ୍ନତି କରିବେ, ସେଥିପାଇଁ ମୁଁ ଆଜି ମା'ଙ୍କ ନିକଟରେ ପ୍ରାର୍ଥନା କରିଛି। ଆଜି ସକାଳ ୯ଟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜ ଜନ୍ମ ମାଟି ରାଇକଳାକୁ ଯାଇ ପରିବାର ଲୋକ ଙ୍କ ସହ କିଛି ସମୟ ବିତାଇବା ପରେ କେନ୍ଦୁଝର ସହରକୁ ଫେରି ପ୍ରଥମେ ମାଧପୁର କାଳୀ ମନ୍ଦିର, ନେତ୍ରା କାଳୀ ପୂଜା ମଣ୍ଡପ, କାଳୀ ତୀର୍ଥ ପୂଜା ମଣ୍ଡପ ଓ ଶେଷରେ ମାଇନିଂ କାଳୀ ମଣ୍ଡପକୁ ଯାଇ ମା'ଙ୍କୁ ଦର୍ଶନ କରିଥିଲେ।

ରତ୍ନଭଣ୍ଡାରରେ କୌଣସି ସୁଡ଼ଙ୍ଗ ବା ଗୁପ୍ତ କୋଠରୀ ନାହିଁ : ମନ୍ତ୍ରୀ

ଭୁବନେଶ୍ୱର,୧।୧୧(ମହାଭାରତ): ରତ୍ନଭଣ୍ଡାର ଗଣତିମଣତି ନେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବଡ଼ ଘୋଷଣା କରିଛନ୍ତି। ସେ କହିଛନ୍ତି ନୂଆ ବର୍ଷରୁ ଆରମ୍ଭ ହେବ ରତ୍ନଭଣ୍ଡାର ଗଣତିମଣତି। ସେ ଆହୁରି କହିଛନ୍ତି ଯେ ପ୍ରାଥମିକ ଆଲୋଚନାରୁ ଜଣାପଡ଼ିଛି ଯେ ରତ୍ନଭଣ୍ଡାରରେ କୌଣସି ସୁଡ଼ଙ୍ଗ ବା ଗୁପ୍ତ କୋଠରୀ ନାହିଁ। କାର୍ତ୍ତିକ ମାସ ହେତୁ ଏବେ ଶ୍ରଦ୍ଧାଳୁଙ୍କ ଭିଡ଼ ରହୁଛି ଜଗନ୍ନାଥ ମନ୍ଦିରରେ। ଏଣୁ କାର୍ତ୍ତିକ ମାସ ପରେ ରତ୍ନଭଣ୍ଡାରରେ ଥିବା ଫାଟର ମରାମତି କାମ କରାଯିବ। ଏହାପରେ ରତ୍ନଭଣ୍ଡାର ଗଣତିମଣତି କାମ ଆରମ୍ଭ ହେବ।ନୂଆବର୍ଷରୁ ଆରମ୍ଭ ହେବ ରତ୍ନଭଣ୍ଡାର ଗଣତିମଣତି। ସେ ଆହୁରି କହିଛନ୍ତି ଯେ ପ୍ରାଥମିକ ଆଲୋଚନାରୁ ଜଣାପଡ଼ିଛି ଯେ ରତ୍ନଭଣ୍ଡାରରେ କୌଣସି ସୁଡ଼ଙ୍ଗ ବା ଗୁପ୍ତ କୋଠରୀ ନାହିଁ।ରତ୍ନଭଣ୍ଡାର ମରାମତି କାମ ସରିବା ପରେ ଅସ୍ଥାୟୀ ରତ୍ନ ଭଣ୍ଡାରରୁ ଅଳଙ୍କାର ଗୁଡ଼ିକ ରତ୍ନ ଭଣ୍ଡାରକୁ ସ୍ଥାନାନ୍ତର କରାଯିବ। ତା'ପରେ ରତ୍ନ ଭଣ୍ଡାର ଭିତରେ ଗଣତିମଣତି କରାଯିବ। ୧୯୭୮ ମସିହାରେ ରତ୍ନ ଭଣ୍ଡାରରେ ଥିବା ରତ୍ନାଳଙ୍କାରର ଗଣତି ମଣତି ହୋଇଥିଲା। ସେହି ଡାଟାବେସ୍ ଅନୁଯାୟୀ ଅଳଙ୍କାର ଗୁଡ଼ିକ ମେଳକ କରାଯିବ। ଯାହା ପୂର୍ବରୁ

ଥିଲା ଏବେ ତାହା ଅଛି କି ନାହିଁ ମେଳ କରାଯିବ। ପ୍ରାୟ ଗୋଟିଏ ସପ୍ତାହ ଭିତରେ ଗଣତି ମଣତି ପ୍ରକ୍ରିୟା ସରିଯିବ ବୋଲି ଆଇନ ମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ, କିଛି ଦିନ ତଳେ ରତ୍ନଭଣ୍ଡାର ତଦାରଖ କମିଟି ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥ କହିଥିଲେ, ଗଣତିମଣତି ଏସଓପି ପ୍ରସ୍ତୁତି ସରିଛି।

ନଭେମ୍ବର ୨୫ରୁ ସଂସଦର ଶୀତକାଳୀନ ଅଧିବେଶନ

ନୂଆଦିଲ୍ଲୀ, ୧।୧୧(ମହାଭାରତ): ସଂସଦର ଶୀତ ଅଧିବେଶନ ସମ୍ବନ୍ଧରେ ସର୍ବଶେଷ ଅପଡେଟ୍ ଆସିଛି । ସୂଚନା ଅନୁସାରେ ସଂସଦର ଶୀତ ଅଧିବେଶନ ନଭେମ୍ବର ୨୫ରୁ ଆରମ୍ଭ ହୋଇ ଡିସେମ୍ବର ୨୩ପର୍ଯ୍ୟନ୍ତ ଚାଲିବ। ନଭେମ୍ବର ୨୬ ରେ, ସମ୍ବିଧାନର ୭୫ତମ ବାର୍ଷିକୀ ଅବସରରେ ସଂସଦର ଏକ ମିଳିତ ଅଧିବେଶନ ସମ୍ବିଧାନ ଗୃହ (ପୁରୁଣା ସଂସଦ ଗୃହ) ର କେନ୍ଦ୍ରୀୟ ହଲରେ ଏକ ସ୍ୱତନ୍ତ୍ର ମିଳିତ ବୈଠକ ଅନୁଷ୍ଠିତ ହେବ ବୋଲି କୁହାଯାଉଛି। ତେବେ ଏ ସମ୍ପର୍କରେ ସରକାରୀ ସୂଚନା ଏପର୍ଯ୍ୟନ୍ତ ପ୍ରକାଶ କରାଯାଇ ନାହିଁ।୧୯୪୯ରେ ଏହି ସ୍ଥାନରେ ସମ୍ବିଧାନ ଗ୍ରହଣ କରାଯାଇଥିଲା। ୨୬ ଜାନୁଆରୀ ୧୯୫୦ରେ ସମ୍ବିଧାନ କାର୍ଯ୍ୟକାରୀ ହୋଇଥିଲା। ଏହାପୂର୍ବରୁ ନଭେମ୍ବର ୨୬କୁ ଜାତୀୟ ଆଇନ ଦିବସ ଭାବରେ ପାଳନ କରାଯାଉଥିଲାୟ କିନ୍ତୁ ୨୦୧୫ରେ ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ୧୨୫ ତମ ଜନ୍ମ ବାର୍ଷିକୀକୁ ସ୍ମରଣ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସରକାର ଏହାକୁ ସମ୍ବିଧାନ ଦିବସ ଭାବରେ ପାଳନ କରିବାକୁ ଘୋଷଣା କରିଥିଲେ।

ସୂତ୍ରରୁ ପ୍ରକାଶ ଯେ ସମ୍ବିଧାନର ମହତ୍ତ୍ୱକୁ ପ୍ରସାରିତ କରିବା ପାଇଁ ବ୍ୟାପକ ଯୋଜନା କରାଯାଉଛି। ଯେଉଁଥିରେ ଡକ୍ୟୁମେଣ୍ଟାରୀ ତିଆରି, ବିଧାନସଭା ବିଧାନସଭା ବିତର୍କକୁ ପ୍ରାୟ ଦୁଇ ଡଜନ ଭାଷାରେ ଅନୁବାଦ କରିବା ଏବଂ ସର୍ବସାଧାରଣ ପଦଯାତ୍ରା ଆୟୋଜନ ଆଦି ରହିଛି।

ଉଭୟ ଏନଡିଏ ଏବଂ ଇଣ୍ଡିଆ। ମିଳିତ ମଞ୍ଚ ନିଜକୁ ସମ୍ବିଧାନର ରକ୍ଷକ ଏବଂ ଅନୁଗାମୀ ଭାବରେ ଉପସ୍ଥାପନ କରିବାର ରାଜନୀତିରେ ନିୟୋଜିତ ଅଛନ୍ତି। କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡିଆ। ସହଯୋଗୀ ଦଳ ବିଜେପି ନେତୃତ୍ୱାଧୀନ ମିଳିତ ମଞ୍ଚକୁ ସମ୍ବିଧାନ ତଥା ସାମ୍ବିଧାନିକ ମୂଲ୍ୟବୋଧକୁ ନଷ୍ଟ କରୁଥିବା ଅଭିଯୋଗ କରୁଥିବାବେଳେ ବିଜେପି ଏବଂ ଏହାର ସହଯୋଗୀ ଦଳ କଂଗ୍ରେସକୁ ଟାର୍ଗେଟ କରୁଛନ୍ତି।ଚଳିତ ବର୍ଷ ଜୁଲାଇରେ ସରକାର ଜରୁରୀକାଳୀନ ପରିସ୍ଥିତିକୁ ସ୍ମରଣ କରିବା ପାଇଁ ଜୁନ୍ ୨୫କୁ 'ସମ୍ବିଧାନ ହତ୍ୟା ଦିବସ' ଭାବରେ ସୂଚିତ କରିଥିଲେ।

ୱାକଫ୍ ବିଲ୍ ୨୦୨୪ରେ ମଧ୍ୟ ଲଗାତାର ବିରୋଧ ଜାରି ରହିଛି। ସମସ୍ତ ବିରୋଧୀ ଦଳ ଏହାକୁ ବିରୋଧ କରୁଛନ୍ତି। ମୌସୁମୀ ଅଧିବେଶନରେ ଏହିବିଲ୍‌ଉପରେ ବିଚାର କରିବାକୁ ଜଏଣ୍ଟ ପାର୍ଲାମେଣ୍ଟାରି କମିଟି(ଜେପିସି) ଗଠନ କରାଯାଇଥିଲା।ଏଭଳି ପରିସ୍ଥିତିରେ ଜେପିସି ଶୀତ ଅଧିବେଶନରେ ରିପୋର୍ଟ ଉପସ୍ଥାପନ କରିବାର ଆଶା ରହିଛି। ଏହାକୁନେଇ ବିରୋଧୀ ଦଳ ନିରନ୍ତର ବିରୋଧ କରୁଛନ୍ତି। ଏହା ବ୍ୟତୀତ ଏଭଳି ଅନେକ ବିଲ୍ ଅଛି ଯାହା ସଂସଦର ଶୀତକାଳୀନ ଅଧିବେଶନରେ ପାରିତ ହେବ ବୋଲି ଚର୍ଚ୍ଚା ହେଉଛି।

ଆସୁଛି ଆଉ ଏକ ଲଘୁଚାପ

ଭୁବନେଶ୍ୱର, ୧।୧୧(ମହାଭାରତ): ଆସୁଛି ଆଉ ଏକ ଲଘୁଚାପ ପୁଣି ଭିଜିବ ଓଡିଶା । ୫ ତାରିଖରେ କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଲଘୁଚାପ ବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ପ୍ରଭାବରେ ଦକ୍ଷିଣ ଓଡିଶା ସମେତ ଆନ୍ଧ୍ରରେ ବର୍ଷା ସମ୍ଭାବନା ରହିଛି । ୮ ରୁ ୧୧ ତାରିଖ ପର୍ଯ୍ୟନ୍ତ ଦକ୍ଷିଣ ଉପକୂଳରେ ବର୍ଷା ସମ୍ଭାବନା ରହିଛି। ଏନେଇ ପାଣିପାଗ ବିଜ୍ଞାନୀ ସୁରେନ୍ଦ୍ରନାଥ ପଶୁପାଳକଙ୍କ ପକ୍ଷରୁ ଶୁକ୍ରବାର ସୂଚନା ମିଳିଛି। ସେହିପରି ୭ ଦିନ ମଧ୍ୟରେ ଲଘୁଚାପ ହେବାର ସମ୍ଭାବନା ନାହିଁ। ଏନେଇ ସୂଚନା ଦେଇଛନ୍ତି ପାଣିପାଗ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି। ୩ରୁ ୫ ତାରିଖ ପର୍ଯ୍ୟନ୍ତ ପାଗ ମୁଖ୍ୟତଃ ଶୁଖିଲା ରହିବ ।୬ ଓ ୭ରେ ଉପକୂଳ ଜିଲାର କିଛି ସ୍ଥାନରେ ହାଲୁକା ବର୍ଷା ହୋଇପାରେ ବୋଲି ସୂଚନା ମିଳିଛି।

ବାଣ ଅଘଟଣ : ୨ ମୃତ, ୧୫ ଆହତ

ଭୁବନେଶ୍ୱର, ୧।୧୧(ମହାଭାରତ): ଗତକାଲି ରାଜ୍ୟର ବିଭିନ୍ନ ସ୍ଥାନରେ ବାଣ ଫୁଟାଇଲା ବେଳେ ଅଘଟଣ ଘଟିଛି। ରାଜଧାନୀ ଭୁବନେଶ୍ୱର ସମେତ ପୁରୀ, ବାଲେଶ୍ୱର ଓ ରାୟଗଡ଼ାରେ ଛୋଟ ବଡ଼ ଅଘଟଣ ଘଟିଛି। କେଉଁଠି ଜୀବନ ବିଯାଇଛି ତ ପୁଣି କେଉଁଠି ଅନେକ ଲୋକ ଆହତ ହୋଇଛନ୍ତି।

ରାଜଧାନୀର ବିଭିନ୍ନ ସ୍ଥାନରେ ବାଣ ଫୁଟାଇଲା ବେଳେ ଅଘଟଣ ଘଟି ୧୫ରୁ ଅଧିକ ଜଣ ଆହତ ହୋଇଛନ୍ତି। ସମସ୍ତଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେହିପରି ପୁରୀ ସଦର ଥାନା ବାଟଗାଁରେ ବାଣ ବିସ୍ଫୋରଣରେ ଜଣେ ମହିଳା ସହ

୨ ଜଣ ଯୁବକ ଆହତ ହୋଇଥିଲେ। ସମସ୍ତଙ୍କୁ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ୨ ଯୁବକଙ୍କର ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତରଙ୍କୁ ଭୁବନେଶ୍ୱର ଏମସରେ ଭର୍ତ୍ତି କରାଯାଇଥିବା ସୂଚନା ମିଳିଛି। ଏଥିସହ ବାଲେଶ୍ୱର ଜିଲ୍ଲାର ସୋର ଅଞ୍ଚଳରେ ବାଣ ଫୁଟାଇବା ବେଳେ ଭିନ୍ନ ଭିନ୍ନ ସ୍ଥାନରେ ଅଘଟଣ ଘଟି ୮ ଜଣ ଆହତ ହୋଇଛନ୍ତି। ଅଧିକାଂଶ ଛୋଟ ପିଲା ବାଣ ଫୁଟାଇବା ବେଳେ ଆହତ ହୋଇ ମେଡିକାଲରେ ଭର୍ତ୍ତିହୋଇଥିବା ସୂଚନା ରହିଛି। ରାୟଗଡ଼ା ଜିଲ୍ଲା ଜଗନ୍ନାଥ ମନ୍ଦିର ସାନ୍ନିଧ୍ୟରେ ବାଣ ନିଆଁରେ ଦୋକାନ ଘର ଜଳିଯାଇଛି। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

ଅଲିଭ ରିଡଲେଙ୍କ ଅଣ୍ଡାଦାନ ଋତୁ ଆରମ୍ଭ

୭ ମାସ ପର୍ଯ୍ୟନ୍ତ ମାଛ ଧରା ଉପରେ କଟକଣା

ଅସ୍ତରଙ୍ଗ, ୧।୧୧(ମହାଭାରତ): ଆଜିଠାରୁ ଆରମ୍ଭ ହେଲା ଅଲିଭ ରିଡଲେଙ୍କ ଅଣ୍ଡାଦାନ ଋତୁ ।ଏଥିପାଇଁ ଆଜିଠୁ ୭ ମାସ ପର୍ଯ୍ୟନ୍ତ ମାଛଧରା ଉପରେ କଟକଣା ଜାରି କରାଯାଇଛି। ମେ' ୩୧ ତାରିଖ ପର୍ଯ୍ୟନ୍ତ ଏହି କଟକଣା ଜାରି ରହିବ। ସମୁଦ୍ରକୂଳରୁ ୨୦ କିଲୋମିଟର ପର୍ଯ୍ୟନ୍ତ ମାଛଧରା ନିଷେଧ କରାଯାଇଛି। ଏଥିସହ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ସହ ଋଷିକୂଲ୍ୟା, ଧାମରା ଓ ଦେବୀ ନଦୀ ମୁହାଣରେ ମାଛ ଧରିବା ଉପରେ ରୋକ୍ ଲାଗିଛି।

ବିରଳ ଅଲିଭ୍ ରିଡଲେ କଇଁଛଙ୍କ ସୁରକ୍ଷା ପାଇଁ ଏହି କଟକଣା ଲାଗିଛି। ନଭେମ୍ବର ୧ ତାରିଖ ଠାରୁ ମେ' ୩୧ ତାରିଖ ପର୍ଯ୍ୟନ୍ତ ସମୁଦ୍ରକୁ ଶହ ଶହ ନଟିକାଲ ମାଇଲ ଅତିକ୍ରମ କରି ଅଲିଭ ରିଡଲ କଇଁଛ ସେମାନଙ୍କ ବଂଶ ବିସ୍ତାର ପାଇଁ ଆସିଥାନ୍ତି। କଇଁଛ ମାନେ ପ୍ରଜନନ କରିବା ପରେ ଅଣ୍ଡା ଦେଇ ଛୁଅ। ହେବା ପରେ ପୁଣି ନିଜ ନିଜ ଅଞ୍ଚଳକୁ ଫେରିଯାଇଥାନ୍ତି। ଏହି ସମୟରେ ମାଛ ଧରିଲେ କଇଁଛମାନଙ୍କ ଜୀବନ ପ୍ରତି ବିପଦ ରହିଥିବାରୁ କଟକଣାକୁ କଡାକଡି କରାଯାଇଥିବା ରାଜନଗର ବନଖଣ୍ଡ ଅଧିକାରୀ ସୂଚନା ଦେଇଛନ୍ତି। ଟ୍ରଲର ଚଳାଚଳ ଯୋଗୁ କଇଁଛ ମରୁଥିବାରୁ ବନ ବିଭାଗ ଏହି ଅଂଚଳରେ ତୀକ୍ଷ୍ଣ ନଜର ରଖିଛି। ସମୁଦ୍ର ଉପକୂଳ ଠାରୁ ୨୦ ମାଇଲ ପର୍ଯ୍ୟନ୍ତ କୌଣସି ଯନ୍ତ୍ର ଚଳିତ ଡଙ୍ଗା କିମ୍ବା ଟ୍ରଲର ସମୁଦ୍ର ମଧ୍ୟକୁ ପ୍ରବେଶ ଉପରେ ବାରଣ କରାଯାଇଛି। ଯଦି ଏହି ନିୟମକୁ ଯେଉଁ ମତ୍ସଜୀବୀ ଉଲ୍ଲଙ୍ଘନ କରିବେ ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସତର୍କ କରାଇ ଦିଆଯାଇଛି । ଶୀତଦିନ ଆରମ୍ଭ ହେଉଥିବାରୁ ଅଲିଭ ରିଡ଼ଲେ କଇଁଛ ଏହି ସମୟରେ ଅଣ୍ଡା ଦାନ ପାଇଁ ଉପକୂଳ ଆଡକୁ ଆସିଥାନ୍ତି। ସେମାନଙ୍କ ସୁରକ୍ଷା ସହିତ ବିରଳ ମାଛ ବଂଶ ବୃଦ୍ଧି, ପ୍ରଜନନ ଓ ସୁରକ୍ଷା ଦୃଷ୍ଟିରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଥିବା ଡି ଏଫ ଓ ବିବେକ କୁମାର କହିଛନ୍ତି।

ଗୁଗଲ ଉପରେ ବିଶ୍ୱ ଜିଡିପିଠୁ ଅଧିକ ଜୋରିମାନା

ନୂଆଦିଲ୍ଲୀ, ୧।୧୧(ମହାଭାରତ): ସର୍ଚ୍ଚ ଇଞ୍ଜିନ ଗୁଗୁଲ ଉପରେ ଲାଗିଛି ୨୦, ୦୦୦, ୦୦୦, ୦୦୦, ୦୦୦, ୦୦୦, ୦୦୦, ୦୦୦, ୦୦୦, ୦୦୦, ୦୦୦ ଡଲାରର ଜୋରିମାନା। ଏହା ୨୦ ଡିସିଲିୟନ ଡଲାର ସହ ସମାନୟ ରୁଷ ପକ୍ଷରୁ ଗୁଗଲ ଉପରେ ଏହି ଅଭୂତ ପୂର୍ବ ପରିମାଣର ଜୋରିମାନା ଲଗା ଯାଇଛି।

ଜୋରିମାନା ରାଶି ୨ରେ ୩୪ଟି ଶୂନ ଡଲାରର ଅର୍ଥ ଏହାର ପରିମାଣ ବିଶ୍ୱର ମୋଟ ଜିଡିପି ଠାରୁ ୬୨୦ ଗୁଣ ଅଧିକୟ ସରଳ ଭାଷାରେ କହିଲେ, ବିଶ୍ୱରେ ଯେତିକି ସମ୍ପତ୍ତି ନାହିଁ, ତା'ଠାରୁ ଅଧିକ ପରିମାଣର ଜୋରିମାନା ରୁଷର ଗୋଟିଏ କୋର୍ଟ ଗୁଗଲ ଉପରେ ଲାଗୁ କରିଛନ୍ତି। ଏହାକୁ ନେଇ ପୂରା ବିଶ୍ୱରେ ଚର୍ଚ୍ଚା ଆରମ୍ଭ ହୋଇଛି।

ଗୁଗୁଲର ପ୍ୟାରେଣ୍ଟ୍ କମ୍ପାନୀ ଆଲଫାବେଟ୍ ମାଲିକାନାରେ ଥିବା ୟୁଟ୍ୟୁବ ଉପରେ ଏହି ଜୋରିମାନା ଲାଗୁ କରାଯାଇଛି। ୟୁକ୍ରେନ ଉପରେ ରୁଷ କରୁଥିବା ଆକ୍ରମଣ ସମ୍ପର୍କିତ ଖବରକୁ ନେଇ ଗୁଗୁଲ ଓ ମସ୍କୋ ମୁହାଁମୁହିଁ ହୋଇଥିଲେ। ଯୁଦ୍ଧ ସମ୍ପର୍କରେ ରୁଷ ସରକାରଙ୍କ ଦ୍ୱାରା ପରିଚାଳିତ ଟିଭି ଚ୍ୟାନେଲ ଯେଉଁ ଖବର ପ୍ରସାରଣ କରୁଥିଲା, ତା'କୁ ୟୁଟ୍ୟୁବ ସ୍ଥାନ ଦେଉ ନଥିଲା।ଚାହିବାକୁ ଗଲେ ୟୁଟ୍ୟୁବରେ ରୁଷ ସରକାରଙ୍କ ଚ୍ୟାନେଲକୁ ବ୍ୟାନ କରି ଦିଆଯାଇଥିଲା। ଏହା ବିରୋଧରେ ରୁଷ କୋର୍ଟରେ ଗୋଟିଏ ମାମଲା ହୋଇଥିଲା।ଏହାର ଶୁଣାଣି କରି ରୁଷର ଗୋଟିଏ କୋର୍ଟ ଗୁଗଲ ଉପରେ ୨୦ ଡିଲିୟନ ଡଲାର (୨ରେ ୩୪ଟି ଶୂନ) ପରିମାଣ ଅର୍ଥିକ ଦଣ୍ଡ ଲାଗୁ କରିଛନ୍ତି।

କୋର୍ଟ କହିଛନ୍ତି ଯେ ୟୁଟ୍ୟୁବରେ ରୁଷ ସରକାରଙ୍କ ଚ୍ୟାନେଲଗୁଡ଼ିକୁ ଅବରୋଧ କରି ଗୁଗୁଲ ଜାତୀୟ ପ୍ରସାରଣ ନିୟମକୁ ଉଲ୍ଲଂଘନ କରିଛି। ତେଣୁ ସଂସ୍ଥାକୁ ଦଣ୍ଡିତ କରାଯାଉଛି। ଏହା ବ୍ୟତୀତ ଗୁଗୁଲକୁ ଏହି ଚ୍ୟାନେଲଗୁଡ଼ିକ ପୁନଃ ପ୍ରସାରଣ କରିବାକୁ କୋର୍ଟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଯଦି ପ୍ଲାଟଫର୍ମ ନଅ ମାସ ମଧ୍ୟରେ ଏହି ଆଦେଶ ପାଳନ ନକରେ, ଜୋରିମାନା ରାଶିକୁ ପ୍ରତିଦିନ ବଢିବ। ପ୍ରତିଦିନ ଗୁଗଲ ଉପରେ ୧୨୦୦ ଡଲାର ଲେଖାଏ ଜୋରିମାନା ଲାଗିଚାଲିଥିବ। ଗୁଗଲ ବିରୋଧରେ ଏହି ମାମଲା ୨୦୨୨ ମାର୍ଚ୍ଚ ମାସରେ ହୋଇଥିଲା। ୟୁଟ୍ୟୁବ୍ ପକ୍ଷରୁ ଆଟିଓ ସ୍ପୁତନିକ୍ ସମେତ ରୁଷର ଅନେକ ରାଷ୍ଟ୍ରାୟତ୍ତ ଚ୍ୟାନେଲ ଉପରେ ବିଶ୍ୱବ୍ୟାପୀ ନିଷେଧାଦେଶ ଘୋଷଣା କରାଯିବା ପରେ ରୁଷ ମାମଲା ରୁଜୁ କରିଥିଲା। ଏବେ ଏହାର ରାୟ ସାମ୍ନାକୁ ଆସିଛି।

ଶୁଭେଚ୍ଛା

ଆଲୋକର ପର୍ବ
ଦୀପାବଳି ଓ କାଳୀ ପୂଜା
ଅବସରରେ ରାଇଘର ସମସ୍ତ
ଜନସାଧାରଣଙ୍କୁ ହାର୍ଦ୍ଦିକ
ଶୁଭେଚ୍ଛା ଓ ଅଭିନନ୍ଦନ ।

କପିଳେନ୍ଦ୍ର କାଳ
କନିଷ୍ଠ ଯନ୍ତ୍ରୀ, ରାଇଘର

VISION DOCUMENT 2036 | 2047
ଓଡ଼ିଶା ସରକାର

ଓଡ଼ିଶା ଭିଜନ
୨୦୩୬ ଓ ୨୦୪୭

ପ୍ରିୟ ଭାଇ ଓ ଭଉଣୀମାନେ,

ଆପଣମାନଙ୍କ ଆଶୀର୍ବାଦରେ ଗଠିତ ଲୋକଙ୍କ ସରକାର ଆମ ରାଜ୍ୟ ଗଠନର ଶତବାର୍ଷିକୀ ୨୦୩୬ ସୁଦ୍ଧା ଓଡ଼ିଶାକୁ ଏକ ଶକ୍ତିଶାଳୀ, ସମୃଦ୍ଧ ଓ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ମହତ୍ତ୍ୱାକାଂକ୍ଷୀ ଯାତ୍ରା ଆରମ୍ଭ କରିଛନ୍ତି ।

ସ୍ୱାଧୀନତାର ଶତବାର୍ଷିକୀ ୨୦୪୭ ସୁଦ୍ଧା ଆମ ଦେଶକୁ ବିକଶିତ ଭାରତରେ ପରିଣତ କରିବା ଲକ୍ଷ୍ୟ ସହିତ ଏହା ଜଡ଼ିତ । ଏଥିପାଇଁ ଭିଜନ ଡକ୍ୟୁମେଣ୍ଟର ପ୍ରସ୍ତୁତି ନିମନ୍ତେ ମୁଁ ଆପଣମାନଙ୍କୁ ସୁଚିନ୍ତିତ ମତାମତ ପ୍ରଦାନ କରିବାକୁ ଅନୁରୋଧ କରୁଛି ।

ଆଗାମୀ ଦିନରେ ଓଡ଼ିଶାର ସବୁବର୍ଗର ଲୋକଙ୍କ ଉନ୍ନତି ଆମର ଲକ୍ଷ୍ୟ । ସବୁ ଅଞ୍ଚଳର ଦ୍ରୁତ ବିକାଶ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ । ରାଜ୍ୟର ସବୁ ନାଗରିକଙ୍କୁ ମୌଳିକ ସୁବିଧା

ବେସନ ହାଲୱା

ଆମେ ଘରେ ସାଧାରଣତଃ ଗାଜର ହାଲୱା, ସୁଜି ହାଲୱା ପରି ମିଠା ଖାଦ୍ୟ ମାନ ପ୍ରସ୍ତୁତ କରି ଖାଇଥାଉ । କିନ୍ତୁ ଏଥରର ହୋଲି ଅବସରରେ କିଛି ନୂଆ ମିଠା ପ୍ରସ୍ତୁତ କରି ଖାଆନ୍ତୁ । ବେସନ ପ୍ରସ୍ତୁତ ହାଲୱା ହେଉଛି ଏକ ପାରମ୍ପରିକ ତଥା ସମୃଦ୍ଧ ଖାଇବା । ଏହାକୁ ଆପଣ ଜଳଖିଆ ବା ମିଠା ଦ୍ରବ୍ୟ ହିସାବରେ ବି ଖାଇପାରିବେ । ଏହି ସ୍ୱାଦିଷ୍ଟ ବ୍ୟନ ପ୍ରସ୍ତୁତ ପାଇଁ ଆବଶ୍ୟକ ହେଉଥିବା ସମାଗ୍ରୀ ଜାଣି ରଖନ୍ତୁ ।

ବେସନ- ୧କପ, ଲହୁଣୀ -ଅଧା କପ, ଚିନି-ଏକ କପ, ଗୁଜୁରାତି ପାଉଡର- ୧ଚାମଚ, ପାଣି-୨କପ, କଟା ଯାଇଥିବା କିଛି ବାଦାମ ।

ପ୍ରସ୍ତୁତ ପ୍ରଣାଳୀ :

ପ୍ରଥମେ ମଧ୍ୟମ ଆଞ୍ଚଳରେ ଏକ ପ୍ୟାନ ବସାନ୍ତୁ । ଏଥିରେ ଚିନି,ଗୁଜୁରାତି ପାଉଡର ସହ ପାଣି ଫୁଟାନ୍ତୁ । ଏବେ ଅନ୍ୟ ଏକ ଫ୍ରାଇଙ୍ଗ ପ୍ୟାନରେ ଲହୁଣୀ ଗରମ କରନ୍ତୁ । ଏବେ ଧୀରେ ଧୀରେ ବେସନ ଦିଅନ୍ତୁ । ସୁନେଲି ରଙ୍ଗ ହେବା ପର୍ଯ୍ୟନ୍ତ ବେସନକୁ ପ୍ୟାନରେ ଧୀରେ ଧୀରେ ଘାଟନ୍ତୁ । ଏଥିପାଇଁ ନିଶ୍ଚିତ ରୂପେ ୫ରୁ୭ ମିନିଟ ସମୟ ଲାଗିଯିବ । ବେସନ ରଙ୍ଗ ବଦଳି ଗଲେ ଏଥିରୁ ଏକ ନୂଆ ବାସ୍ନା ଆସିବ । ଏବେ ସେଥିରେ ସିରପ ଧୀରେ ଧୀରେ ଢାଳନ୍ତୁ । ଏବେ ଆଞ୍ଚ କମ କରିଦିଅନ୍ତୁ । ଆଉ ୨ରୁ୩ ମିନିଟ ପାଇଁ ଚୁଲିରେ ବସାନ୍ତୁ । ଦେଖିବେ ଧୀରେ ଧୀରେ ବେସନ ସବୁ ପାଣି ଶୁଖାଇଦେବ । ଏବେ ହାଲୱା ଥଣ୍ଡା କରି କାଜୁ ଓ ବାଦାମ ନେଇ ଗାନିସିଙ୍ଗ କରନ୍ତୁ ।

ଖବର

ଅଡିସନ ବାହାନାରେ ବଲିଉଡ ଫିଲ୍ମ ନିର୍ମାତା ଯେନ ନିର୍ଯାତନା ଦେଇଥିଲେ: ଶିଳ୍ପା

ଜଷ୍ଟିସ୍ ହେମା କମିଟି ରିପୋର୍ଟ ଆସିବା ପରଠାରୁ ମାଲାୟାଲମ୍, ତାମିଲ ଏବଂ ତେଲୁଗୁ ଚଳଚ୍ଚିତ୍ର ଇଣ୍ଡଷ୍ଟ୍ରିରେ ଅନେକ କଳାକାର ଯେନ ନିର୍ଯାତନା ଶିକାର ହୋଇଥିବା ନେଇ ଖୁଲାସା କରିବାରେ ଲାଗିଛନ୍ତି । ବର୍ତ୍ତମାନ ପ୍ରସିଦ୍ଧ ଟିଭି ଅଭିନେତ୍ରୀ ଶିଳ୍ପା ସିନ୍ଦେ ଅଭିଯୋଗ କରିଛନ୍ତି ଯେ ତାଙ୍କ କ୍ୟାରିୟର ଆରମ୍ଭରେ ଜଣେ ହିନ୍ଦୀ ଚଳଚ୍ଚିତ୍ର ନିର୍ମାତା ତାଙ୍କୁ ଯେନ ନିର୍ଯାତନା ଦେଇଥିଲେ ।'ଭାବିକୀ ଘର ପର ହେ'ରେ ଅଙ୍ଗୁରି ଭାବି ଭୂମିକାରେ ଅଭିନୟ କରି ପ୍ରସିଦ୍ଧ ହୋଇଥିବା ଶିଳ୍ପା ସିନ୍ଦେ ଜାତୀୟ ଗଣମାଧ୍ୟମ ନ୍ୟୁଜ୍ ୧୮ ଶୋଶାକୁ ଦେଇଥିବା ଏକ ସାକ୍ଷାତକାରରେ ଏହି ଆଶ୍ଚର୍ଯ୍ୟଜନକ ଖୁଲାସା କରିଛନ୍ତି । ସେ ଦାବି କରିଛନ୍ତି ଯେ ଥରେ ତାଙ୍କୁ ଏକ ଅଡିସନ ନାମରେ ଚଳଚ୍ଚିତ୍ର ନିର୍ମାତାଙ୍କୁ ନିଜ ଆଡକୁ ଆକର୍ଷିତ କରିବାକୁ କୁହାଯାଇଥିଲା ।ଶିଳ୍ପାଙ୍କ କହିବା ମୁତାବକ, ଇଣ୍ଡଷ୍ଟ୍ରିରେ ସଂଘର୍ଷ କରୁଥିବା ସମୟରେ ମୋ ସହ ଏଭଳି ଘଟିଥିଲାୟ ୧୯୯୮-୯୯ରେ ଏସବୁର ସାମ୍ନା ମୋତେ କରିବାକୁ ପଡ଼ିଥିଲା । ମୁଁ କାହାର ନାମ ନେଇ ପାରିବି ନାହିଁ । କିନ୍ତୁ ସେ ମୋତେ କହିଥିଲେ, 'ତୁମେ ଏହି ପୋଷାକ ପିନ୍ଧ ଏବଂ ଏହି ଦୃଶ୍ୟ କର ।' ହେଲେ ମୁଁ ସେହି ପୋଷାକ ପିନ୍ଧି ନଥିଲି ।।ଏହା ପରେ ସେ ମୋତେ କହିଥିଲେ ଯେ, ମୁଁ ତୁମର ବସ୍, ଏବଂ ତୁମେ ମୋତେ ନିଜ ଆଡକୁ ଆକର୍ଷିତ କରିବାର ଅଭିନୟ କର । ମୁଁ ସେତେବେଳେ ବହୁତ ଛୋଟ ଥିଲି । ତାଙ୍କ ଉଦ୍ଦେଶ୍ୟ ଜାଣି ନପାରି ମୁଁ ସେହି ଦୃଶ୍ୟ କରିଥିଲି । ଏହା ପରେ ସେ ମୋ ସହ ଶରୀରିକ ସମ୍ପର୍କ ରଖିବାକୁ ଉଦ୍ୟମ କରିଥିଲେ । ହେଲେ ମୁଁ ତାଙ୍କୁ ଧକ୍କା ଦେଇ ବାହାରକୁ ଚାଲି ଆସିଥିଲି । ବାହାରେ ଥିବା ସିକ୍ୟୁରିଟି ଗାର୍ଡ କିଛି ନକହି ବି ସବୁ ଜାଣିପାରିଥିଲେ । ମୋତେ ଦେଖି ସେ ତୁରନ୍ତ ଏଠାରୁ ଚାଲିଯାଅ ବୋଲି କହିଥିଲେ ।

ବିନା ଖର୍ଚ୍ଚରେ ନଖକୁ କିପରି କରିବେ ସୁନ୍ଦର

ନାରୀ ଓ ପୁରୁଷ ସଭିଏଁ ଚାହିଁଥାନ୍ତି ନଖକୁ ସୁନ୍ଦର ଆଉ ମଜବୁତ ରଖିବାକୁୟ ଖାସ କରି ନାରୀ ମାନେ ନଖ ବିବା, ନଖ ମଜବୁତ ରହିବା, ନଖ ନ ମରିବା ପାଇଁ ବିଭିନ୍ନ ପ୍ରକାରର ପ୍ରକ୍ରିୟା କରିଥାନ୍ତିୟ ହେଲେ ଘରେ ରହି ଘରୋଇ ଜିନିଷ ବ୍ୟବହାର କରି ଏହି ସମସ୍ୟାର ଉପଚାର କରିପାରିବାୟ ସେଥିପାଇଁ ପ୍ରଥମେ ଅଧ କପ ପାଣିକୁ ଗରମ କରି ସେଥିରେ ଦୁଇ ଚାମଚ ସାମ୍ଭୋ, ଦୁଇ ବୁନ୍ଦା ଲେମ୍ବୁ ରସ, ଖାଇବା ଲୁଣ ଅଳ୍ପ ମାତ୍ରରେ ପକାଇ ସେଥିରେ ହାତକୁ ବୁଡ଼ାଇ ୫ ରୁ ୧୦ ମିନିଟ୍ ସମୟ ପର୍ଯ୍ୟନ୍ତ ରଖିବାୟ ପରେ ନଖକୁ ଭଲ ଭାବେ ମସାଜ କରି ହାତକୁ ଧୋଇଦେବେୟଏହାଦ୍ୱାରା ହାତ ଓ ନଖ ସଫା ରହିଥାଏୟ ପରେ ଗୋଟିଏ ଆଉ ଫଳ ଭିତର ଧଳା ଅଂଶକୁ କି ୧୦ ମିନିଟ୍ ସମୟ ପର୍ଯ୍ୟନ୍ତ ନଖରେ ସ୍କ୍ରବିଂ କରିବେୟ ନଖକୁ ଭଲ ଭାବେ ଧୋଇ ଦେବେୟ ପରେ ଦୁଇ ଚାମଚ କଞ୍ଚା କ୍ଷୀରରେ ନଖକୁ ମସାଜ କରିବେୟ ଏହାସହ ଗୋଟିଏ ଲେମ୍ବୁକୁ କାଟି ଦୁଇ ଫାଳ କରି ଲେମ୍ବୁ ଚେପାକୁ ନଖରେ ୫ ମିନିଟ୍ ସମୟ ପର୍ଯ୍ୟନ୍ତ ସ୍କ୍ରବ କଲେୟ ଏହା ନଖ ସଫା ରଖିଥାଏୟ ଏବଂ ଏହି ସମସ୍ତ ପକ୍ରିୟାକୁ ପ୍ରତିଦିନ ଦୁଇ ଥର କରିବା ଜରୁରୀୟ ଏହାଦ୍ୱାରା ନଖ ବିବା ସହ, ନଖ ଫାଟିବନି, ନଖ ମରିବା ଭଳି ସମସ୍ୟା ହେବ ନାହିଁୟ

ଏହି ଜିନିଷ ଥିଲେ ହେବେ ଭାଗ୍ୟବାନ

ମହାଭାରତର ମୁଖ୍ୟ ଚରିତ୍ରମାନଙ୍କ ମଧ୍ୟରୁ ମହାତ୍ମା ବିଦୁର ଅନ୍ୟତମ । ତାଙ୍କର ବୁଦ୍ଧି ଏବଂ ନୀତିକୁ ଆଜି ବି ପୂଜା କରାଯାଏ । ମହାତ୍ମା ବିଦୁରଙ୍କୁ ଜଣେ ଦୂରଦର୍ଶୀ ଏବଂ ମହାନ ଭାବରେ ବିବେଚନା କରାଯାଏ । ଆଜି ବି ଲୋକମାନେ ବିଦୁର ଜୀଙ୍କର ନୀତି ଆପଣାଇ ଜୀବନରେ ଆଗକୁ ବଢ଼ନ୍ତି । ମହାତ୍ମା ବିଦୁର ଏପରି ୬ଟି ଜିନିଷ ବିଷୟରେ କହିଛନ୍ତି, ଜଣେ ବ୍ୟକ୍ତି ସଂସାରର ସମସ୍ତ ସୁଖକୁ ଉପଭୋଗ କରିପାରିବେ । କୁହାଯାଏ ଯେ ଯେଉଁମାନଙ୍କ ପାଖରେ ଏହି ୬ଟି ଜିନିଷ ଅଛି ସେମାନେ ବହୁତ ଭାଗ୍ୟବାନ ଏବଂ ଧନବାନ ।

୧. ବିଦୁର ନୀତି ଅନୁସାରେ, ଯେଉଁ ସ୍ତ୍ରୀ-ପୁରୁଷ ମୀଠା କଥା କୁହନ୍ତି । ତାଙ୍କ ଉପରେ ମା' ସରସ୍ୱତୀ ଏବଂ ମା' ଲକ୍ଷ୍ମୀଙ୍କ ଆଶୀର୍ବାଦ ସର୍ବଦା ରହିଥାଏ । ଶାସ୍ତ୍ର ଅନୁସାରେ, ବାଣୀରେ ମା' ସରସ୍ୱତୀ ବାସ କରନ୍ତି । କୁହାଯାଏ ଖରାପ ଏବଂ କଟୁ କହୁଥିବା ବ୍ୟକ୍ତିଙ୍କ ସ୍ୱଭାବ ତାଙ୍କ ଭାଷା ପରି ଖରାପ ହୋଇଯାଏ । ମଧୁର ବାଣୀ କହୁଥିବା ବ୍ୟକ୍ତିଙ୍କ ଭାଗ୍ୟ ପୁରା ସାଥ୍ ଦେଇଥାଏ ।

୨. ପ୍ରତିଟି ପିତାମାତା ଚାହାନ୍ତି କି, ତାଙ୍କ ପୁତ୍ର ଆଜ୍ଞାକାରୀ ହେଉ । ତାଙ୍କ କୂଳର ନାଁ ରଖୁ । ଯଦି ସନ୍ତାନ ଆଜ୍ଞାକାରୀ ନହୁଅନ୍ତି ସେମାନେ କୂଳର ନାଶ କରିଦିଅନ୍ତି । ଏମିତିରେ ଯେଉଁମାନଙ୍କ ସନ୍ତାନ ଆଜ୍ଞାକାରୀ ହୋଇଥାନ୍ତି ସେମାନେ ଖୁସି ଏବଂ ଭାଗ୍ୟଶାଳୀ ହୋଇଥାନ୍ତି ।

୩. ରୋଗ ହେତୁ ଶରୀର ଦୁର୍ବଳ ହୋଇଯାଏ । ଅସୁସ୍ଥ ବ୍ୟକ୍ତିଙ୍କ ମାନସିକ ଏବଂ ଶାରୀରିକ କ୍ଷମତା ହ୍ରାସ ହେବାକୁ ଲାଗେ । ସେ କୌଣସି କାମକୁ ଭଲରେ କରିପାରନ୍ତି ନାହିଁ । ବାରମ୍ବାର ଅସୁସ୍ଥତା ହେତୁ ସେ ଧନ ସଞ୍ଚିତ କରିବାରେ ଅସମର୍ଥ ହୁଅନ୍ତି । ଯଦି ବ୍ୟକ୍ତି ସୁସ୍ଥ, ତେବେ ସେ ଭାଗ୍ୟବାନ ବୋଲି ବିବେଚନା କରାଯାଏ ।

୪. ମନୁଷ୍ୟ ପାଖରେ ଜ୍ଞାନର ଏକମାତ୍ର ଏଭଳି ଧନ ଅଛି, ଯାହାକୁ କେହି ବି ଚୋରି କରିପାରିବେ ନାହିଁ । ଶାସ୍ତ୍ର ଅନୁସାରେ, ଜ୍ଞାନ ହିଁ ମନୁଷ୍ୟର ସର୍ବଶ୍ରେଷ୍ଠ ଶକ୍ତି । ଜ୍ଞାନ ଅସୁବିଧା ସମୟରେ ବ୍ୟକ୍ତିର ସବୁବେଳେ ସାଥ୍ ଦେଇଥାଏ ।

୫. ଜଣେ ବ୍ୟକ୍ତି ନିଜର ଆବଶ୍ୟକତା ପୂରଣ କରିବା ପାଇଁ ଆୟର ମାଧ୍ୟମ ବଢ଼ାଇବାକୁ ପଡିବ । ଯେଉଁ ବ୍ୟକ୍ତିଙ୍କର ଆୟର ମାଧ୍ୟମ ନାହିଁ, ସେ ଏହାକୁ ଦୁର୍ଭାଗ୍ୟଜନକ ମନେ କରନ୍ତି । ଜଣେ ଅର୍ଥହୀନ ବ୍ୟକ୍ତିଙ୍କୁ ତାଙ୍କର ଆବଶ୍ୟକତା ପୂରଣ କରିବା ପାଇଁ ଅନ୍ୟମାନଙ୍କ ସାମ୍ନାରେ ହାତ ବିସ୍ତାର କରିବାକୁ ପଡ଼େ । ଯେଉଁମାନଙ୍କର ଆୟର ମାଧ୍ୟମ ଅଛି, ସେମାନେ ନିଜକୁ ଭାଗ୍ୟବାନ ମନେ କରିବା ଉଚିତ୍ ।

୬. ଜଣେ ସଫଳ ମଣିଷ ପଛରେ ଜଣେ ସ୍ତ୍ରୀର ହାତ ଥାଏ । କୁହାଯାଏ କି ଜଣେ ସ୍ତ୍ରୀ ଚାହିଁବ ତ ଘରକୁ ସ୍ୱର୍ଗ କିମ୍ବା ନର୍କରେ ପରିବର୍ତ୍ତନ କରିପାରିବ । ଯେଉଁ ସ୍ତ୍ରୀ ପାଖରେ ଭଲ ସ୍ୱଭାବ ଏବଂ ଭଲ ଆଚରଣ ଥାଏ, ସେ ବାସ୍ତବରେ ଭାଗ୍ୟଶାଳୀ ହୋଇଥାଏ ।

୧୦୦ ବର୍ଷ ପରେ ଏଥର ଗଣେଶ ପୂଜାରେ ଦୁର୍ଲ୍ଲଭ ସଂଯୋଗ

ଗଣେଶ ଚତୁର୍ଥୀ ୭ ସେପ୍ଟେମ୍ବର ୨୦୨୪ରେ ପାଳନ କରାଯିବ । ଏହି ଦିନ ଠାରୁ ପ୍ରାୟ ୧୦ ଦିନ ପର୍ଯ୍ୟନ୍ତ ଗଣେଶ ଉତ୍ସବ ପାଳନ କରାଯାଏ । ପ୍ରତିବର୍ଷ ଭାଦ୍ରବ ମାସ ଶୁକ୍ଳପକ୍ଷ ଚତୁର୍ଥୀରେ ଗଣେଶ ଚତୁର୍ଥୀ ପାଳନ କରାଯାଉଥିବା ବେଳେ ଏହି ବର୍ଷର ଗଣେଶ ଚତୁର୍ଥୀ ଖୁବ୍ ଖାସ୍ । ଦୀର୍ଘ ୧୦୦ ବର୍ଷ ପରେ ଗଣେଶ ଚତୁର୍ଥୀରେ ଏହି ବର୍ଷ ଦୁର୍ଲ୍ଲଭ ସଂଯୋଗ ସୃଷ୍ଟି ହେଉଛି । ଏହି ବର୍ଷ ସିଦ୍ଧି ଯୋଗ, ରବି ଯୋଗ, ବ୍ରହ୍ମା ଯୋଗ, ଇନ୍ଦ୍ର ଯୋଗ ସୃଷ୍ଟି ହେବାକୁ ଯାଉଛି । ଏହାସହ ସ୍ୱାତୀ ଓ ଚିତ୍ରା ନକ୍ଷତ୍ର ମଧ୍ୟ ରହିବ ।ଚତୁର୍ଥୀ ଦିନ ଗଣେଶ ସ୍ଥାପନା ଓ ପୂଜା ପାଇଁ ବେଶ ଶୁଭ ମୁହୂର୍ତ୍ତ ମିଳିବ । ଏହାସହ ଗ୍ରହ ନକ୍ଷତ୍ରଙ୍କ ଏଭଳି ସ୍ଥିତି ୩ ରାଶି ବ୍ୟକ୍ତି ବିଶେଷଙ୍କ ପାଇଁ ଅତ୍ୟନ୍ତ ଶୁଭଙ୍କର ହେବ । ଏମାନଙ୍କ ଜୀବନରେ ଅନେକ ଶୁଭ ପରିବର୍ତ୍ତନ ହେବା ସହ ଭାଗ୍ୟ ଚମକିବ।ବୃଷ - ଗଣେଶ ଚତୁର୍ଥୀ ବୃଷ ରାଶି ବ୍ୟକ୍ତି ବିଶେଷଙ୍କ ପାଇଁ ଅତ୍ୟନ୍ତ ଶୁଭଙ୍କର । ହସଖୁସି ରହିବ ।କର୍କଟ - ଏହି ରାଶି ବ୍ୟକ୍ତି ବିଶେଷଙ୍କୁ ଧନ ମିଳିବ । ମାନ-ସମ୍ମାନ ବୃଦ୍ଧି ସହ କାର୍ଯ୍ୟରେ ସଫଳତା ମିଳିବ ।କନ୍ୟା - ଏହି ରାଶି ବ୍ୟକ୍ତି ବିଶେଷଙ୍କ ଜୀବନରେ ସୁଖ-ସମୃଦ୍ଧି ବୃଦ୍ଧି ହେବ ।ଆର୍ଥିକ ସମସ୍ୟା ଦୂର ହେବ । ନିବେଶ ପାଇଁ ଉତ୍ତମ ସମୟ ।

ହାର୍ଟକୁ ସୁସ୍ଥ ରଖେ ରାଶି ଲଡୁ

ଆପଣ ସୁସ୍ଥ ରହିବା ପାଇଁ ସବୁ ପ୍ରକାର ସବୁଜ ପରିବା ଖାଇବା ପାଇଁ ପସନ୍ଦ କରିଥା'ନ୍ତି । କେବଳ ସବୁଜ ପରିବା ନୁହେଁ, ରାଶି ଲଡୁ ଖାଇବା ମଧ୍ୟ ଶରୀର ପାଇଁ ଭଲ । ଗୁଡ଼ ସହିତ ପ୍ରସ୍ତୁତ

ହୋଇଥିବା ରାଶି ଲଡୁ ସ୍ୱାଦୁ ଲାଗିବା ସହ ଶରୀରକୁ ସୁସ୍ଥ ରଖିବା ପାଇଁ ସାହାଯ୍ୟ କରିଥାଏ । ଏଥିପାଇଁ ଶୀତଦିନେ ରାଶି ଲଡୁକୁ ଡାଏଟରେ ସାମିଲ କରିବାକୁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ପରାମର୍ଶ ଦେଇଥା'ନ୍ତି । ତା'ହେଲେ ଆସନ୍ତୁ ଜାଣିବା ରାଶି ଲଡୁ ଖାଇଲେ ଶରୀରକୁ ଅନ୍ୟ କେଉଁସବୁ ଫାଇଦା ମିଳିଥାଏ ।

୧. ରାଶି ଲଡୁରେ ଅନସାଚୁରେଟେଡ୍ ଫ୍ୟାଟ୍ ପ୍ରଚୁର ମାତ୍ରାରେ ରହିଛି । ଏହି ଫ୍ୟାଟକୁ ଭଲ ଫ୍ୟାଟ୍ ବୋଲି କୁହାଯାଇଥାଏ । ଗୁଡ଼ ହାର୍ଟକୁ ସୁସ୍ଥ ରଖିବା ସହ ଶରୀରରେ ଭଲ କୋଲେଷ୍ଟ୍ରଲ ମଧ୍ୟ ତିଆରି କରିଥାଏ । ଯଦି ଆପଣ ଡାଇବେଟିସ୍ ରୋଗୀ ତେବେ ରାଶି ଲଡୁ ନିଶ୍ଚିନ୍ତ ଖାଆନ୍ତୁ ।

୨. ଦୁର୍ବଳ ହାଡ଼ତୁ ମଜବୁତ କରିବା ପାଇଁ ରାଶି ଲଡୁ ସାହାଯ୍ୟ କରିଥାଏ । ନିୟମିତ ରାଶି ଲଡୁ ଖାଇଲେ ଶରୀରରେ କ୍ୟାଲସିୟମର ଅଭାବ ଦୂର ହୋଇଥାଏ । ଏଥିପାଇଁ ମହିଳାମାନଙ୍କୁ ରାଶି ଲଡୁ ଖାଇବା ପାଇଁ ଡାକ୍ତର ପରାମର୍ଶ ଦେଇଥା'ନ୍ତି ।

୩. ରାଶିରେ କପର୍, ଜିଙ୍କ୍, ଆଇରନ୍, ଭିଟାମିନ୍ ବି୬, ଭିଟାମିନ୍-ଇ ଓ ସେଲେନିୟମ୍ ପରି ପୋଷକ ତତ୍ତ୍ୱ ରହିଛି । ଆହୁରି ମଧ୍ୟ ରାଶି ଖାଇଲେ ଇମ୍ୟୁନିଟି ପାୱାର ବୃଦ୍ଧି ପାଇଥାଏ ।

ପୂର୍ବତଟ ରେଳପଥର ସତର୍କତା ସଚେତନତା ସପ୍ତାହ

ଭୁବନେଶ୍ୱର, ୧।୧୧ (ମହାଭାରତ): ପୂର୍ବତଟ ରେଳପଥ ଦ୍ୱାରା ସତ୍ୟ ନିଷ୍ଠାର ସଂସ୍କୃତିରୁ ରାଷ୍ଟ୍ରର ସମୃଦ୍ଧି ବିଷୟବସ୍ତୁ ଆଧାରରେ ପାଳନ କରାଯାଇଥିବା ଏକ ସପ୍ତାହ ବ୍ୟାପୀ ସତର୍କତା ସଚେତନତା ସପ୍ତାହ ଆଜି ଉଦଯାପିତ ହୋଇଛି । ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ, ଅତିରିକ୍ତ ମହାପ୍ରବନ୍ଧକ ମହେଶ କୁମାର ବେହେରା ଏବଂ ପ୍ରମୁଖ ବିଭାଗୀୟ ଅଧିକାରୀମାନେ ଏହି ଅବସରରେ ଯୋଗଦାନ କରି ଜନସାଧାରଣଙ୍କ ସେବାରେ ଅଖଣ୍ଡତା ଏବଂ ସ୍ୱଚ୍ଛତା ଉପରେ ଗୁରୁତ୍ୱାରୋପ କରିବାକୁ ଏହି ଉଦଯାପନୀ ଉତ୍ସବରେ ସେମାନଙ୍କର ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମ ରେଳବାଇ ତଥା ରେଳ ବ୍ୟବହାରକାରୀଙ୍କ ମଧ୍ୟରେ ସଚ୍ଚୋଟତା ଏବଂ ଉତ୍ତରଦାୟିତ୍ୱର ସଂସ୍କୃତି ପ୍ରତିପାଦନ କରିବାକୁ ରେଳପଥର ପ୍ରତିବଦ୍ଧତାକୁ ଆଲୋକପାତ କରିଥିଲା । ଏହି ଉଦଯାପନୀ ସମାରୋହରେ ରେଳବାଇ କର୍ମଚାରୀ, ସେମାନଙ୍କ ପିଲାମାନେ ଏବଂ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ପୂର୍ବତଟ ରେଳପଥର ସତର୍କତା ବିଭାଗ ଦ୍ୱାରା ଆୟୋଜିତ ଅନ୍-ଦି ସ୍ପଟ୍ ପ୍ରବନ୍ଧ, ବିତର୍କ ଏବଂ ପେଣ୍ଟିଂ ପ୍ରତିଯୋଗିତାରେ ପାରଦର୍ଶିତା ପାଇଁ ମହାପ୍ରବନ୍ଧକ ଶ୍ରୀ ଫୁଙ୍କୱାଲ୍ ସେମାନଙ୍କୁ ପୁରସ୍କୃତ କରିଥିଲେ ସଜାଗତା ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ସାଧାରଣ ଜୀବନରେ ସ୍ୱଚ୍ଛତା ଏବଂ ଅଖଣ୍ଡତାର ମୂଲ୍ୟବୋଧକୁ ପ୍ରୋତ୍ସାହିତ କରିବା ପାଇଁ ଏହି ପ୍ରତିଯୋଗିତା ଗୁଡ଼ିକରେ ବିଭିନ୍ନ କ୍ଷେତ୍ରର ଯୁବ ବର୍ଗ ମାନଙ୍କୁ ନିୟୋଜିତ କରାଯାଇଥିଲା ।

ଶ୍ରୀ ଫୁଙ୍କୱାଲ୍ ତାଙ୍କ ଅଭିଭାଷଣରେ କହିଛନ୍ତି ଯେ, ଅଖଣ୍ଡତା କେବଳ ଏକ ନୀତି ନୁହେଁ ବରଂ ଏକ ସଂସ୍କୃତି ଯାହାକୁ ଆମେ ସମସ୍ତେ ଗ୍ରହଣ କରିବା ଆବଶ୍ୟକ । ଏହି ମୂଲ୍ୟବୋଧକୁ ଆମର କର୍ମଜୀବୀ ତଥା ସମୁଦାୟରେ ଜାଗ୍ରତ କରି ଆମେ ଏକ ସମୃଦ୍ଧ ରାଷ୍ଟ୍ର ଗଠନରେ ସହଯୋଗର ପ୍ରୟାସ କରୁଛୁ ସେ ଆହୁରି ମଧ୍ୟ କହିଛନ୍ତି ଯେ, ପୂର୍ବତଟ ରେଳପଥ ମଧ୍ୟରେ ଆମେ ଏହି ଅଞ୍ଚଳରେ ଭବିଷ୍ୟତର ବିକାଶର ଧାରା ଗଠନ କରୁଛୁ । ଏହା ଉପରେ ଗୁରୁତ୍ୱ ଦେଇ ସେ କହିଛନ୍ତି ଯେ ଏହି ଅଞ୍ଚଳର ଲୋକମାନେ ରାଷ୍ଟ୍ର ନିର୍ମାଣ ପାଇଁ ସର୍ବଦା ସଂପୂର୍ଣ୍ଣ ଅଖଣ୍ଡତା ପ୍ରଦାନ କରିଥାନ୍ତି ।

ରେଳବାଇ କର୍ମଚାରୀ ଏବଂ ଜନସାଧାରଣଙ୍କୁ ନୈତିକ ଆଚରଣ ଏବଂ ପ୍ରଶାସନରେ ସଚେତନତାର ଗୁରୁତ୍ୱ ବିଷୟରେ ଆଲୋଚନା ପାଇଁ ଭାଗିଦାରୀ ମାନଙ୍କୁ ନିୟୋଜିତ କରିବା ସେମାନଙ୍କର ମତାମତ ନେବା ସହିତ ଅନ୍ୟାନ ପଦକ୍ଷେପ ଗୁଡିକ ସତର୍କତା ସଚେତନତା ସପ୍ତାହ ପାଳନ ଅବସରରେ ଆୟୋଜିତ କରାଯାଇଥିଲା ଯାହାକି ପୂର୍ବତଟ ରେଳପଥ ଦ୍ୱାରା ବ୍ୟାପକ ପ୍ରୟାସର ଏକ ଅଂଶ ଏହି କାର୍ଯ୍ୟକ୍ରମରେ ଅଖଣ୍ଡତା ଏବଂ ଉତ୍ତରଦାୟିତ୍ୱକୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱ ଦିଆଯାଇ ସତ୍ୟ ନିଷ୍ଠାର ସଂସ୍କୃତିରୁ ରାଷ୍ଟ୍ରର ସମୃଦ୍ଧି ସମ୍ବନ୍ଧରେ କର୍ମଶାଳା ଏବଂ ସେମିନାରଗୁଡିକ ଆୟୋଜନ କରାଯାଇଥିଲା ଯାହାକି ଜନସେବା ପାଇଁ ପ୍ରଭାବଶାଳୀ ଥିଲା । ସପ୍ତାହବ୍ୟାପୀ ସତର୍କତା ସଚେତନତା ପାଳନ କରିବାର ସଫଳ ଆଚରଣକୁ ସଂଯୋଜନା କରିବାରେ ପୂର୍ବତଟ ରେଳପଥର ମୁଖ୍ୟ ସତର୍କତା ଅଧିକାରୀ ତଥା ବରିଷ୍ଠ ଉପ ମହାପ୍ରବନ୍ଧକ ଶ୍ରୀ ବିଜୟ କୁମାର ମିଶ୍ର ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ଆମେ ଆଗକୁ ବଢିବା ସହିତ ଅଖଣ୍ଡତାର ସଂସ୍କୃତିକୁ ଦୃଢ଼ୀଭୁତ କରିବା କ୍ଷେତ୍ରରେ ପୂର୍ବତଟ ରେଳପଥର ଉତ୍ସର୍ଗୀକୃତ ସେବା ସର୍ବଦା ରହିଥାଏ, ଯାହା ରେଳବାଇ ସେବାରେ ଜନସାଧାରଣଙ୍କ ବିଶ୍ୱାସ ଏବଂ ଆତ୍ମବିଶ୍ୱାସ ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ ।

ଜନ୍ମମାଟିରେ କାଳୀ ପୂଜା ଓ ଦୀପାବଳି ପାଳିଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ।

ବାରରେ ନୃତ୍ୟ : ବାତିଲ୍ ହେବ ଲାଇସେନ୍ସ

ଭୁବନେଶ୍ୱର, ୧।୧୧(ମହାଭାରତ) : ବାରରେ କେବଳ ଗୀତ ଗାଇବା ଓ ବାଜିବାକୁ ଅନୁମତି ଦିଆଯାଇଛି । ମାତ୍ର ନୃତ୍ୟକୁ ସଂପୂର୍ଣ୍ଣ ନିଷିଦ୍ଧ କରାଯାଇଛି । ଅବକାରୀ ବିଭାଗ ପକ୍ଷରୁ ଅଣାଯାଇଥିବା ଏହି ଗାଇଡଲାଇନର ଉଲଂଘନ କଲେ ଲାଇସେନ୍ସଧାରୀଙ୍କ ଲାଇସେନ୍ସ ବାତିଲ କରାଯିବ ବୋଲି ଆଜି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । ସେ କହିଛନ୍ତି, ବିଭାଗର ଗାଇଡଲାଇନକୁ ଯେଉଁମାନେ ଉଲ୍ଲଂଘନ କରିବେ, ସେଥିପାଇଁ ଲାଇସେନ୍ସ ପାଇଥିବା ଲୋକଙ୍କୁ ଦଣ୍ଡିତ କରାଯିବ । ସେହି ଲାଇସେନ୍ସିଙ୍କର ଲାଇସେନ୍ସକୁ ସରକାର ରଦ୍ଦ କରିବେ । ଏପରିକି ମ୍ୟୁଜିକ କେତେ ଡେସିବିଲ ଭିତରେ ବାଜିବ, ତାହା ମଧ୍ୟ ସରକାର ଗାଇଡଲାଇନରେ ଉଲ୍ଲେଖ କରିଛନ୍ତି । ଏହାକୁ ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଓଡ଼ିଆ ଅସ୍ମିତା ଓ ସଂସ୍କୃତି ବିରୋଧୀ କାର୍ଯ୍ୟ କେବେ ବି ଓଡ଼ିଶାରେ କରିବାକୁ ଦିଆଯିବନି ବୋଲି ସେ କହିଛନ୍ତି ।

ଏଣିକି ବାରରେ ମହିଳା ଓ ଯୁବତୀମାନେ ଗୀତ ପରିବେଷଣ କରିପାରିବେ । କିନ୍ତୁ ଝିଲିମିଲି ରଙ୍ଗିନ୍ ଆଲୋକରେ ଡିଜେ ତାଳେତାଳେ ନାଚି ପାରିବେ ନାହିଁ । ଅବକାରୀ ବିଭାଗ ବାରଗାର୍ଲଙ୍କ ଗାଇବାକୁ ଅନୁମତି ଦେଇଥିବା ବେଳେ ଯେ କେଣସି ପ୍ରକାରର ନୃତ୍ୟକୁ ନିଷିଦ୍ଧ କରିଛି । ତେଣୁ ଗାଇ ଜାଣିଥିବା ମହିଳା ଓ ଯୁବତୀମାନେ ବାରରେ ନିଯୁକ୍ତି ପାଇବାରେ କେଣସି ସମସ୍ୟା ନାହିଁ । କିନ୍ତୁ କେବଳ ନୃତ୍ୟକୁ ପେସା କରି ଜୀବିକା ଅର୍ଜନ କରୁଥିବା ମହିଳା ଓ ଯୁବତୀମାନେ କଟକଣା ଭିତରେ ସେମାନଙ୍କର ସଙ୍ଗୀତ ପରିବେଶଣ କରି ପାରିବେ । ଗାଉଥିବା ମହିଳା ଓ ଯୁବତୀମାନେ ମଧ୍ୟ କଟକଣା ଭିତରେ ସଙ୍ଗୀତ ଗାଇ ପାରିବେ । ସେମାନଙ୍କ ପୋଷାକଠାରୁ ଆରମ୍ଭ କରି ଜୀବିକା ଅର୍ଜନର ପୃଷ୍ଠଭୂମି ଉପରେ ମଧ୍ୟ କଟକଣା ଜାରି ହୋଇଛି । ଆଜି ରାଜ୍ୟ ଅବକାରୀ ବିଭାଗ ପକ୍ଷରୁ 'ଓଡ଼ିଶା ଅବକାରୀ(ସଂଶୋଧନ) ରୁଲସ୍-୨୦୨୪' ବିଜ୍ଞପ୍ତି ଜାରି ପରେ ଏଭଳି ପରିବର୍ତ୍ତନ ଆସିଛି । ଓଡ଼ିଶା ଅବକାରୀ ଆଇନ-୨୦୦୮ର ଧାରା ୯୦ରେ ପ୍ରଦତ୍ତ କ୍ଷମତାର ଉପଯୋଗ କରି ରାଜ୍ୟ ସରକାର ଓଡ଼ିଶା ଅବକାରୀ ରୁଲସ୍-୨୦୧୭ରେ କେତେକ ସଂଶୋଧନ କରିଛନ୍ତି । ନୂଆ ନିୟମ ଅନୁସାରେ ୨୧ଟି ସର୍ତ୍ତ ଆଧାରରେ ବାର ଗୁଡ଼ିକୁ ପରିଚାଳନା ପାଇଁ ଅନୁମତି ମିଳିବ । ନିୟମ ଉଲ୍ଲଂଘନ କଲେ ସମ୍ପୃକ୍ତ ବାର ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଅବକାରୀ କମିସନର ନରସିଂହ ଭୋଳ କହିଥିଲେ ।

ତାତିଲା କଳିଙ୍ଗ ସେନା

ଭୁବନେଶ୍ୱର, ୧।୧୧ (ମହାଭାରତ): ଆମେରିକା ହ୍ୟୁଷ୍ଟନରେ ଇସ୍କନ ପକ୍ଷରୁ ଅଦିନିଆ । ରଥଯାତ୍ରାକୁ ନେଇ ଓଡ଼ିଆଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି । ଇସ୍କନ କର୍ତ୍ତୃପକ୍ଷଙ୍କୁ ଖୋଲା ଚେତବାନୀ ଦେଇଛି କଳିଙ୍ଗ ସେନା । ଓଡ଼ିଆ । ସଂସ୍କୃତିକୁ ବଦଳାଇଲେ ଇସ୍କନ ମନ୍ଦିର ବନ୍ଦ କରିଦେବୁ ବୋଲି କହିଛି କଳିଙ୍ଗ ସେନା ।

ଅଦିନିଆ । ରଥଯାତ୍ରା ଆୟୋଜନର ଘୋଷଣା କରି ଇସ୍କନ ସଂସ୍ଥା ଯେଭଳି ଶ୍ରୀଜଗନ୍ନାଥ ସଂସ୍କୃତି ଓ ପରମ୍ପରାକୁ ଉପହାସ କରୁଛି ତାହାକୁ କୌଣସି ମତେ ବରଦାସ୍ତ କରାଯିବ ନାହିଁ । ଆବଶ୍ୟକ ପଡିଲେ ଓଡିଶାରେ ଥିବା ଇସ୍କନ ସଂସ୍ଥାରେ ତାଲା ପକାଇ ଦିଆଯିବ ବୋଲି ଚେନାବନୀ ଦେଇଛନ୍ତି କଳିଙ୍ଗସେନା ସୁପ୍ରିମୋ ହେମନ୍ତ ରଥ । ଇସ୍କନର ଅଦିନିଆ । ରଥଯାତ୍ରା ପ୍ରସଙ୍ଗରେ ଶ୍ରୀ ରଥ ଆଜି ସ୍ଥାନୀୟ ଇସ୍କନ ମନ୍ଦିର ସମ୍ମୁଖରେ ସାମ୍ବାଦିକମାନଙ୍କୁ କହିଛନ୍ତି ଯେ ଇସ୍କନ କର୍ତ୍ତୃପକ୍ଷ ଜାଣିଶୁଣି ଏଭଳି କରୁଛନ୍ତି । ପୂର୍ବରୁ ଏଭଳି ପଦକ୍ଷେପ ନେଇ ପ୍ରବଳ ବିରୋଧ ପରେ ସେଥିରୁ ଓହରିଥିଲେ । ହେଲେ ପୁଣିଥରେ ସେମାନଙ୍କର ପୁରୁଣା ରୋଗ ବାହାରିଛି । ତେଣୁ ଏଥର ଯଦି ଇସ୍କନ କୌଣସି ସ୍ଥାନରେ ଅଦିନରେ ରଥଯାତ୍ରା କରିଥିବା ପ୍ରମାଣ ମିଳିବ ତେବେ ଇସ୍କନର ସମସ୍ତଙ୍କୁ ଓଡିଶା ଛାଡିବାକୁ ପଡିବ ।

କାରଣ ଜଗନ୍ନାଥ ମାଟିରେ ରହି ଜଗନ୍ନାଥଙ୍କୁ ଅପମାନିତ କରିବାକୁ କୌଣସି ସ୍ତରରେ ବରଦାସ୍ତ କରାଯିବ ନାହିଁ । ନିଜକୁ ଜଗନ୍ନାଥପ୍ରେମୀ କହୁଥିବା ଇସ୍କନ କର୍ମକର୍ତ୍ତା ମନ ଭିତରେ ବାସ୍ତବରେ ଯେ ଜଗନ୍ନାଥ କିମ୍ବା ଜଗନ୍ନାଥ ସଂସ୍କୃତି ପ୍ରତି କୌଣସି ସମ୍ମାନ ନାହିଁ ତାହା ଧିରେ ଧିରେ ସ୍ପଷ୍ଟ ହେବାରେ ଲାଗିଛି । ତେଣୁ ଏଭଳି ଜଗନ୍ନାଥ ଓ ସନାତନ ବିରୋଧିମାନଙ୍କର ସ୍ଥାନ ଜଗନ୍ନାଥଙ୍କ ମାଟିରେ ନାହିଁ । ତୁରନ୍ତ ଇସ୍କନ କର୍ତ୍ତୃପକ୍ଷ ରଥଯାତ୍ରା ନିଷ୍ପତ୍ତିରୁ ଓହରିବା ସହିତ ଜଗନ୍ନାଥପ୍ରେମୀଙ୍କ ସମ୍ମୁଖରେ କ୍ଷମା ମାଗିବାକୁ ଶ୍ରୀ ରଥ ପରାମର୍ଶ ଦେଇଛନ୍ତି । ଏହା ନହେଲେ ଆଗାମୀ ଦିନରେ ଇସ୍କନ କର୍ମକର୍ତ୍ତାଙ୍କୁ ପ୍ରବଳ ବିରୋଧ କରାଯିବ ବୋଲି ସେ କହିଛନ୍ତି ।

ଗଣଦୁଷ୍କର୍ମ ମାମଲାରେ ୩ ଗିରଫ

ଭୁବନେଶ୍ୱର, ୧।୧୧ (ମହାଭାରତ) : ରାଜଧାନୀରେ ଲଜ୍ଜା । ନାବାଳିକାଙ୍କୁ ଗଣଦୁଷ୍କର୍ମ ମାମଲାରେ ୩ ଜଣଙ୍କୁ ବନ୍ଧିଲା ପୋଲିସ । ପୀଡ଼ିତାଙ୍କ ବାନ୍ଧବୀ ନାବାଳିକା ସହ ୩ ଜଣଙ୍କୁ ଗିରଫ କଲା ପୋଲିସ । ଘଟଣା ସଂପର୍କରେ ଭୁବନେଶ୍ୱର ଡିସିପି ପିନାକ ମିଶ୍ର ଦେଇଛନ୍ତି ସୂଚନା । ୧୦ ଦିନ ତଳେ ଜଣେ ନାବାଳିକାଙ୍କୁ ଗଣ ଦୁଷ୍କର୍ମ କରାଯାଇଥିବା ନେଇ ନୟାପଲ୍ଲୀ ଥାନାରେ ନାବାଳିକାଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲା । ପୀଡ଼ିତାଙ୍କୁ ତାଙ୍କ ବାନ୍ଧବୀ ଫୁସୁଲାଇ ଏକ ପରିତ୍ୟକ୍ତ ସ୍ଥାନକୁ ନେଇଥିଲେ । ସେଠାରେ ୪ ଜଣ ଯୁବକ ତାଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଥିଲା । ପୋଲିସ ରେଡ୍ କରି ସମସ୍ତ ୪ ଅଭିଯୁକ୍ତ ଓ ପୀଡ଼ିତାଙ୍କ ବାନ୍ଧବୀଙ୍କୁ ଧରିଛି । ବାନ୍ଧବୀ ଓ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି ଓ ଅନ୍ୟ ୨ ଅଟକ ଅଛନ୍ତି । ଗିରଫ ଅଭିଯୁକ୍ତମାନେ ଚନ୍ଦ୍ରଶେଖରପୁର ଓ ନୟାପଲ୍ଲୀ ଥାନା ଅଞ୍ଚଳ ବୋଲି ସୂଚନା ମିଳିଛି ।

କିସ୍ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର,୧।୧୧(ମହାଭାରତ): 'ଦିନେ ଛେଳି ଚରାଉଥିଲି । ଆଜି କିସ୍ ପାଇଁ ଯୁକ୍ତ ଦୁଇ, ଯୁକ୍ତ ତିନି, ଏମବିଏ ଭଳି ଉଚ୍ଚଶିକ୍ଷା ଲାଭକରି ଶେଷରେ ଓଏଏସ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇପାରିଛି । ଏଥିପାଇଁ କିସ୍ ଓ ଏହାର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ନିକଟରେ କୃତଜ୍ଞତା ଜଣାଉଛି ।' ଏହା ଥିଲା କିସ୍ ଛାତ୍ର ତଥା ନିକଟରେ ଓଏଏସ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ବଲାଙ୍ଗୀର ଜିଲ୍ଲାର ଜଗଜୀବନ ମାଝୀଙ୍କ ପ୍ରତିକ୍ରିୟା ।

ଏହି ସଫଳତା ପାଇଁ ସେ କିସ୍‌କୁ କୃତଜ୍ଞତା ଜଣାଇଥିଲେ । କେବଳ ଜଗଜୀବନ ନୁହନ୍ତି, ଚଳିତବର୍ଷ ଓଏଏସ୍ ପରୀକ୍ଷାରେ କୃତକାର୍ଯ୍ୟ କିସ୍‌ର ଛାତ୍ରଛାତ୍ରୀଙ୍କ ପାଇଁ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ୧୨ଜଣ ସଫଳ ଛାତ୍ରଛାତ୍ରୀ କିସ୍ ପ୍ରତି ସେମାନଙ୍କର କୃତଜ୍ଞତା ଜଣାଇଥିଲେ । ଆଜି କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ତଫସିଲଭୁକ୍ତ ଜାତି ଓ ଜନଜାତି, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ, ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି, ସାମାଜିକ ବିଭାଗ, ତଥା ସାମାଜିକ ନ୍ୟାୟ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତି ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

ଏହି ଅବସରରେ ଶ୍ରୀ ସେଠୀ ଛାତ୍ରଛାତ୍ରୀଙ୍କୁ ପ୍ରେରଣାଦାୟୀ ଭାଷଣ ପ୍ରଦାନ କରି କହିଲେ, କଠିନ ଅଧ୍ୟବସାୟ ଓ ଈଶ୍ୱର ତଥା କର୍ମ ଉପରେ ବିଶ୍ୱାସ ରଖିଲେ ସଫଳତା ମିଳିଥାଏ । ବିପଦ ସମୟରେ ବିଚଳିତ ନ ହୋଇ ସେହି ସମୟର ସଦୁପଯୋଗ କରିବା ପାଇଁ ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଉପସ୍ଥିତ କିସ୍‌ର ୧୨ ହଜାର ଛାତ୍ରଛାତ୍ରୀଙ୍କ ମନୋବଳ ବୃଦ୍ଧି କରିବା ସହ ଶ୍ରୀ ସାମନ୍ତ କହିଲେ, କିସ୍ ଛାତ୍ରଛାତ୍ରୀମାନେ ଯେଭଳି ଭାରତୀୟ ପ୍ରଶାସନିକ ସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇପାରିବେ ସେଥିପାଇଁ କିସ୍‌ରେ ସମସ୍ତ ବନ୍ଦୋବସ୍ତ କରାଯାଇଛି ।

ଏହା ବ୍ୟତୀତ କିସ୍‌ର ଯେଉଁ ମେଧାବୀ ଛାତ୍ରଛାତ୍ରୀମାନେ ଦିଲ୍ଲୀ ଭଳି ସହରରେ ରହି ନିଜକୁ ଭାରତୀୟ ପ୍ରଶାସନିକ ସେବା ପରୀକ୍ଷା ପାଇଁ ପ୍ରସ୍ତୁତ କରିବା ଲାଗି ଇଚ୍ଛୁକ ଥିବେ ସେମାନଙ୍କୁ ମଧ୍ୟ କିସ୍ ପକ୍ଷରୁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି ଶ୍ରୀ ସାମନ୍ତ ଘୋଷଣା କରିଥିଲେ । ଏହି ଅବସରରେ ବିଷ୍ଣୁପଦ ସେଠୀଙ୍କ ଲିଖିତ ପୁସ୍ତକ 'ଦି କଲେକ୍ଟର୍ସ ମଦର' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା ।

ବିଶିଷ୍ଟ ଶିକ୍ଷାବିତ୍ ପାବକ କାନୁନ୍‌ଗୋଙ୍କ ପରଲୋକ

କଟକ, ୧।୧୧(ମହାଭାରତ): ପଦ୍ମଶ୍ରୀ ବିନୋଦ କାନୁନ୍‌ଗୋଙ୍କ ଜ୍ୟେଷ୍ଠପୁତ୍ର ବିଶିଷ୍ଟ ଶିକ୍ଷାବିତ୍ ଓ ସ୍ତମ୍ଭକାର ଡକ୍ଟର ପାବକ କାନୁନ୍‌ଗୋ (୭୮)ଙ୍କର ବୁଧବାର ରାତିରେ ମର୍କତନଗର (ସିଡିଏ)ସ୍ଥିତ ବାସଭବନରେ ହୃଦଘାତରେ ପରଲୋକ ହୋଇଯାଇଛି । ସେ ଖ୍ରୀଷ୍ଟ କଲେଜ ରାଜନୀତି ବିଜ୍ଞାନ ବିଭାଗର ପ୍ରାଧ୍ୟାପକ ତଥା ମୁଖ୍ୟ ପଦରୁ ଅବସର ନେଇଥିଲେ ।

ଡକ୍ଟର କାନୁନ୍‌ଗୋ 'ଆମ ଜାତିସଂଘ', 'ଓଡ଼ିଶା ଓ ଗାନ୍ଧି' ଇତ୍ୟାଦି ପୁସ୍ତକ ରଚନା କରି ଓଡ଼ିଆ ପ୍ରବନ୍ଧ ସାହିତ୍ୟକୁ ପୁଷ୍ଟ କରିଛନ୍ତି । ଶେଷୋକ୍ତ ଗ୍ରନ୍ଥ ପାଇଁ ସେ ଓଡ଼ିଶା ସାହିତ୍ୟ ଏକାଡ଼େମୀଦ୍ୱାରା ୨୦୦୧ ମସିହାରେ ପୁରସ୍କୃତ ହୋଇଥିଲେ । ତାଙ୍କ ରଚିତ ପ୍ରବନ୍ଧମାନ ବିଭିନ୍ନ ସମ୍ବାଦପତ୍ରରେ ନିୟମିତ ରୂପେ ପ୍ରକାଶ ପାଉଥିଲା । ସେ କେନ୍ଦୁପତ୍ର ଓ ଓଡ଼ିଶା ରାଜନୀତି ଉପରେ ଗବେଷଣା କରି ଉତ୍କଳ ବିଶ୍ୱବିଦ୍ୟାଳୟରୁ 'ଡକ୍ଟରେଟ' ପାଇଥିଲେ ।

ଡକ୍ଟର କାନୁନ୍‌ଗୋ ୧୯୪୭ ଜାନୁୟାରି ୧୬ରେ କଟକ ଜିଲ୍ଲାର କିଶୋରନଗର ଥାନା ଅନ୍ତର୍ଗତ ମଲ୍ଲୀପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପିତା ପଦ୍ମଶ୍ରୀ ବିନୋଦ କାନୁନ୍‌ଗୋ ଓ ମାତା ଶଶିବାଳା କାନୁନ୍‌ଗୋ ଉଭୟ ସ୍ୱାଧୀନତା ସଂଗ୍ରାମରେ ଝାସଦେଇଥିଲେ । ସେ ଗାନ୍ଧି ଦର୍ଶନର ଜଣେ ପ୍ରମୁଖ ବ୍ୟାଖ୍ୟାକାର ଭାବରେ ନିଜକୁ ପ୍ରତିଷ୍ଠିତ କରିଥିଲେ । ଡକ୍ଟର କାନୁନ୍‌ଗୋଙ୍କର ଅଗଣିତ ଛାତ୍ର ଆଜି ସମାଜର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଛନ୍ତି । ତାଙ୍କ ବିୟୋଗରେ ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ଦେବକାନ୍ତ ମିଶ୍ର, ପ୍ରଫେସର ପ୍ରକାଶ ଚନ୍ଦ୍ର ଷଡ଼ଙ୍ଗୀ, ପ୍ରଫେସର ଯୁଗଳ କିଶୋର ମିଶ୍ର, ଦାଶ ବେନହୁର, ଡକ୍ଟର ନାରାୟଣ ମହାନ୍ତି, ଡକ୍ଟର ସନାତନ ପ୍ରଧାନ, ଡକ୍ଟର ରଶ୍ମୀ ମିଶ୍ର, 'ସମାଜ'ର ମୁଦ୍ରାକର ଓ ପ୍ରକାଶକ ଡକ୍ଟର ପ୍ରଭାସ ଆଚାର୍ଯ୍ୟ, 'ନିର୍ଭୟ'ର ସମ୍ପାଦକ ନବୀନ ଦାସ, ଡକ୍ଟର ସତ୍ୟ ରାୟ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି ।

ନଭେମ୍ବର ୪ ଓ ୧୧ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ

ଭୁବନେଶ୍ୱର,୧।୧୧(ମହାଭାରତ): ଆସନ୍ତା ନଭେମ୍ବର ୪ ତାରିଖ (ସୋମବାର) ଏବଂ ନଭେମ୍ବର ୧୧ତାରିଖ (ସୋମବାର) ଦିନ ଯୁନିଟ-୫,ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଠାରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ତଥା ଅନ୍ୟ ଗଣମାଧ୍ୟମରେ ଜଣାଇ ଦିଆଯିବ । ଏ ସଂପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ତରଫରୁ ସୂଚନା ପ୍ରଦାନ କରାଯାଇଛି ।

ଟ୍ରେନ୍ ଟିକେଟ୍ ପାଇଁ ଅଗ୍ରୀମ ସଂରକ୍ଷଣ ଅବଧି ୬୦ ଦିନକୁ ହ୍ରାସ

ଭୁବନେଶ୍ୱର,୧।୧୧(ମହାଭାରତ): ଟ୍ରେନ ଟିକେଟ ନୀତିର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପରେ, ଭାରତୀୟ ରେଳବାଇ ଟ୍ରେନ୍ ଟିକେଟ୍ ଅଗ୍ରୀମ ସଂରକ୍ଷଣ ଦିବସ ପାଇଁ ପୂର୍ବର ୧୨୦ ଦିନରୁ ୬୦ ଦିନ ପର୍ଯ୍ୟନ୍ତ ଅଗ୍ରୀମ ସଂରକ୍ଷଣ ଅବଧି ହ୍ରାସ କରିଛି ଯାହା ଆଜିଠାରୁ କାର୍ଯ୍ୟକାରୀ ହୋଇଛି । ଏହି ପରିବର୍ତ୍ତନର ଲକ୍ଷ୍ୟ ହେଉଛି ଯାତ୍ରୀମାନେ ସେମାନଙ୍କ ଯାତ୍ରା ଯୋଜନା ପାଇଁ ଅଧିକ ନମନୀୟତା ଗ୍ରହଣ କରିବେ । ଏହି ୬୦ ଦିନିଆ ଅଗ୍ରୀମ ସଂରକ୍ଷଣ ଅବଧି ଅଧିକାଂଶ

ମହାରାଷ୍ଟ୍ରରେ ବିଦ୍ରୋହୀ ପ୍ରାର୍ଥୀ

ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ନଭେମ୍ବର ୨୦ ତାରିଖରେ ହେବ ଏବଂ ଫଳାଫଳ ୨୩ ତାରିଖ ଦିନ ପ୍ରକାଶ ପାଇବ । ୨୮୮ ଆସନ ବିଶିଷ୍ଟ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଉଭୟ ଶାସକ ବିଜେପି ଓ ଏହାର ମେଣ୍ଟ ଦଳ ଏବଂ କଂଗ୍ରେସ ଓ ଏହାର ମେଣ୍ଟ ଦଳ ପାଇଁ ବଡ ଧରଣର ଝଲେଞ୍ଜ ସୃଷ୍ଟି କରିପାରେ। ବିଶେଷ କରି ୧୮୦ ବିଦ୍ରୋହୀ ପ୍ରାର୍ଥୀ ଉଭୟ ମେଣ୍ଟ ପାଇଁ ସମସ୍ୟା ସୃଷ୍ଟି କରିବାର ଯଥେଷ୍ଟ ସମ୍ଭାବନା ଅଛି। ବିଦ୍ରୋହୀମାନଙ୍କୁ ମନାଇବା ପାଇଁ ନାକେଦମ ହେଇଗଲେଣି ସମସ୍ତ ରାଜନୈତିକ ଦଳ । ବିଜେପି ୧୪୮ଟି ଆସନରେ ପ୍ରାର୍ଥୀ ଦେଇଥିବାବେଳେ ୧୪୦ଟି ଆସନ ସିନ୍ଧେ -ଶିବସେନା ଅଜିତ - ଏନସିପି ଗୋଷ୍ଠୀକୁ ଛାଡ଼ିଛି ।ସେହିପରି କଂଗ୍ରେସ ୧୦୩ଟି ଆସନରେ ଲଢ଼ି ବାକି ଆସନ ଶରଦ ପାୱାର ଓ ଉଦ୍ଧାର ଠାକରେଙ୍କ ଶିବସେନା ଗୋଷ୍ଠୀକୁ ଦେଇଛି । ଉଭୟ ବିଜେପି ଓ କଂଗ୍ରେସ ପ୍ରାର୍ଥୀମାନଙ୍କର ସଫଳତା ନିର୍ବାଚନ ପାଇଁ ନିର୍ଣ୍ଣାୟକ ହେବ । ସିନ୍ଧେ ଯେପରି କ୍ଷମତା ଦଖଲ କରି ଶିବସେନା ଓ ଉଦ୍ଧବ ଠାକରେଙ୍କୁ ପଛରୁ ଛୁରୀ ଭୁସି ବିଜେପିର ଶରଣକୁ ଗଲେ ତାହା ମହାରାଷ୍ଟ୍ରବାସୀ କାହିଁକି ସମଗ୍ର ଦେଶବାସୀ ଜାଣନ୍ତି । ସେହିପରି ଅଜିତ ପାୱାର ବର୍ଷୀୟାନ ନେତା ତଥା ରାଜନୀତିରେ ଧୂରୀଣ,ଶରଦ ପାୱାରଙ୍କୁ ଯେଉଁ ଚକମା ଦେଲେ ତାହା ମଧ୍ୟ ମହାରାଷ୍ଟ୍ର ଭୋଟର ଭୁଲିପାରିବେ ନାହିଁ । ଅଜିତ ପାୱାର ଜଣେ ଦୁର୍ନୀତିଗ୍ରସ୍ତ ବ୍ୟକ୍ତି ବୋଲି ଖୋଦ ପ୍ରଧାନମନ୍ତ୍ରୀ ଜନସଭାରେ ପ୍ରଚାର କରିଥିବାବେଳେ, ତାଙ୍କ ସହ ମେଣ୍ଟ କରି ଏନସିପିକୁ ଭାଙ୍ଗିଲେ । ଅଜିତଙ୍କୁ ଉପମୁଖ୍ୟମନ୍ତ୍ରୀ ଗାଦିରେ ବସାଇଲେ, ଦୁର୍ନୀତିର ସଙ୍ଗୀନ ଅଭିଯୋଗ ପାଣି ଫୋଟକା ପରି ମିଳାଇଗଲା। ଠିକ ସେହିପରି ଉଦ୍ଧବ ଠାକରେଙ୍କ ଶିବସେନାକୁ ନାଟକୀୟ ଢଙ୍ଗରେ ଦୁଇ ଭାଗ କଲେ ଓ ସିନ୍ଧେଙ୍କୁ ଅସ୍ତ୍ର କରି ବିଜେପି କ୍ଷମତାର ଯେଉଁ ପ୍ରକାର ଅପବ୍ୟବହାର କଲା ତାହା ଅତ୍ୟନ୍ତ ନିନ୍ଦନୀୟ ହୋଇଥିଲେ ମଧ୍ୟ ମହାରାଷ୍ଟ୍ରକୁ ଆୟତ୍ତ କରିବାର ଉଦ୍ଦେଶ୍ୟକୁ ସଫଳ କରିଥିଲା ।ଏହି ପ୍ରକ୍ରିୟାରେ ବାଚସ୍ପତି, ରାଜ୍ୟପାଳ ଏବଂ ନିର୍ବାଚନ କମିଶନ ମଧ୍ୟ ମହତ୍ୱପୂର୍ଣ୍ଣ ଯୋଗଦାନ ଦେଇଥିଲେ। ରାଜ୍ୟପାଳଙ୍କ ଭୂମିକାକୁ ସୁପ୍ରିମକୋର୍ଟ ଭର୍ତ୍ସନା କରିଥିଲେ ମଧ୍ୟ ସର୍ବୋଚ୍ଚ ନ୍ୟାୟାଳୟର ନିଷ୍କ୍ରିୟତାରେ ନିରାଶ ହେବାକୁ ପଡିଥିଲା ଓ ମହାରାଷ୍ଟ୍ରର ରାଜନୈତିକ ଗୋଳିଆ। ପାଣିରୁ ବିଜେପି ଇପସିତ ଫାଇଦା ହାସଲ କରିଥିଲା । ଏଥିପାଇଁ ମହାରାଷ୍ଟ୍ରର ପୂର୍ବତନ ବିଜେପି ମୁଖ୍ୟମନ୍ତ୍ରୀ, ଦେବେନ୍ଦ୍ର ଫଡନାବିଶଙ୍କୁ ବଳିଦାନ ଦେବାକୁ ପଡିଥିଲା । ସେ ଜଣେ ପୂର୍ବତନ ମନ୍ତ୍ରୀଙ୍କ ଅଧୀନରେ ଉପମୁଖ୍ୟମନ୍ତ୍ରୀ ହେବାକୁ ରାଜି ହୋଇଯାଇଥିଲେ । ପରବର୍ତ୍ତୀ ସମୟରେ ଏନସିପିକୁ ଭାଙ୍ଗି ବିଜେପିର ଶରଣାପନ୍ନ ହୋଇଥିବା ଅଜିତ ପାୱାରଙ୍କୁ ଆଉ ଜଣେ ଉପମୁଖ୍ୟମନ୍ତ୍ରୀ ମନୋନୀତ କରାଯିବା ପରେ ଫଡନାଭିସଙ୍କୁ ଝଟକା ଲାଗିଥିଲା । ତାଙ୍କର କ୍ଷମତା ଯଥେଷ୍ଟ ସଂକୁଚିତ ହୋଇଯାଇଥିଲେ ସୁଦ୍ଧା ସେ କାନ ମୁଣ୍ଡ ଆଉଁସି ନିରବ ରହିବାକୁ ବାଧ୍ୟ ହୋଇଥିଲେ । ମହାରାଷ୍ଟ୍ର ରାଜନୀତିରେ ଏପରି ହଟଚମଟ ସୃଷ୍ଟି କରି କଳେ ବଳେ କୌଶଳେ କ୍ଷମତା ହାସଲ ପାଇଁ ବିଜେପି ଅଜସ୍ର ଅର୍ଥ ବ୍ୟୟ କରିଥିଲା। ବିଧାୟକ କିଣା-ବିକାର ଏପରି ଦୃଷ୍ଟାନ୍ତ ପୂର୍ବରୁ ଭାରତର ରାଜନୀତିରେ କେବେହେଲେ ଦେଖିବାକୁ ମିଳିନାହିଁ ଓ ସାମ୍ପ୍ରତିକ ମହାରାଷ୍ଟ୍ର ରାଜନୈତିକ ଦୃଶ୍ୟପଟ୍ଟକୁ ପର୍ଯ୍ୟାଲୋଚନା କଲେ ଯାହା ଜଣାପଡେ, ଉଦ୍ଧବ ଠାକରେ ଓ ଶରଦ ପାୱାରଙ୍କ ରାଜନୀତିରେ ଦଖଲ ରହିଛି ଓ ଉଭୟ ନେତାଙ୍କ ଲୋକପ୍ରିୟତା ଉପରେ କୌଣସି ପ୍ରଭାବ ପଡ଼ିନାହିଁ । ବରଂ ସିନ୍ଧେ - ଅଜିତ - ଫଡନାଭିସଙ୍କ ଉପରେ ଜନସାଧାରଣଙ୍କ ଆଉ ପୂର୍ବଭଳି ଆସ୍ଥା କିମ୍ବା ଭରସା ନାହିଁ । ଏହି ନେତାମାନେ କ୍ଷମତାରେ ରହିବା ପାଇଁ ପଦବି ହାସଲ କରିବା ପାଇଁ ଯେ କୌଣସି ପ୍ରକାର ସାଲିସ କରିପାରନ୍ତି ବୋଲି ଜନସାଧାରଣଙ୍କ ହୃଦବୋଧ ହୋଇଛି। ଏହା ସହିତ ଶରଦ ପାୱାରଙ୍କୁ ଛାଡି ଅଜିତ ଗୋଷ୍ଠୀ ସହିତ ହାତ ମିଳାଇଥିବା ବାବା ସିଦ୍ଦିକିଙ୍କ ହତ୍ୟାକାରୀ ପ୍ରକୃତରେ କିଏ ତାହା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏପରି ଏକ ହତ୍ୟାକାଣ୍ଡ ଆଇନଶୃଙ୍ଖଳା ପରିସ୍ଥିତିର ବିପର୍ଯ୍ୟସ୍ତ ଅବସ୍ଥା ନୁହେଁ କି ବୋଲି ଜନସାଧାରଣଙ୍କ ମନରେ ଆନ୍ଦୋଳିତ ହେଉଥିବା ପ୍ରଶ୍ନର ଯଥାର୍ଥ ଉତ୍ତର ସରକାରଙ୍କ ନିକଟରେ ନାହିଁ ।କେନ୍ଦ୍ର ଗୃହ ବିଭାଗର ପାରିବାରପଣିଆ। ମଧ୍ୟ ପଦାରେ ପଡିଯାଇଛି । ସମସ୍ତ ଦୃଷ୍ଟିକୋଣରୁ ବିଚାର କଲେ, ଚଳିତ ନିର୍ବାଚନ ଏକ ରୋଚକ ମୋଡ଼ ନେବାକୁ ଯାଉଛି ଓ ବିଜେପି ପ୍ରଚାରରେ ସବୁ ଦଳଠାରୁ ଆଗରେ ରହିଥିବାବେଳେ ଭୋଟରମାନଙ୍କ ମଧ୍ୟରେ ନିରବତା ସିନ୍ଧେ ସରକାର ବିରୋଧୀ ଇଶାରା ଦେଉଛି ଓ ବିଜେପିର ଲାଙ୍ଗୁଡ଼ ଧରି ସିନ୍ଧେ ଓ ଅଜିତ ଗୋଷ୍ଠୀ ନିର୍ବାଚନ ବୈତରଣୀ ପାର ହେବାର ଯେଉଁ ଆଶା ବାନ୍ଧିଛନ୍ତି ତାହା ବାସ୍ତବ କ୍ଷେତ୍ରରେ କେତେଦୂର ସଫଳ ହେବ ତାହା ସମୟ କହିବ ଓ କିନ୍ତୁ ଯାହା ପ୍ରାରମ୍ଭିକ ଆଭାସ ମିଳୁଛି,ମହାରାଷ୍ଟ୍ରବାସୀ ପରିବର୍ତ୍ତନ ଚାହୁଁଛନ୍ତି । ଉଲ୍ଲେଖଯୋଗ୍ୟ ଯେ ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ ଯାତ୍ରାକୁ ମହାରାଷ୍ଟ୍ରରେ ବିପୁଳ ସମର୍ଥନ ମିଳିଥିଲା ଓ କଂଗ୍ରେସ ସବୁ ରାଜ୍ୟରେ ଆଗ ଅପେକ୍ଷା ବେଶ ଭଲ ପ୍ରଦର୍ଶନ କରୁଛି ଓ ଦଳର ଭୋଟ ହାର ମଧ୍ୟ ବଢୁଛି । ମହାରାଷ୍ଟ୍ରରେ ମତଦାନ ହାର ପାଖାପାଖି ୭୦ ପ୍ରତିଶତ ହେଲେ, ସିନ୍ଧେ ସରକାରର ପତନ ଘଟିପାରେ ଏବଂ ବିଜେପି ଧରାଶାୟୀ ହୋଇପାରେ ବୋଲି ପୂର୍ବାନୁମାନ କରାଯାଉଛି । ସେଥିପାଇଁ କଂଗ୍ରେସ, ଏହାର ମେଣ୍ଟ ଦଳକୁ ଜୋରଦାର ପ୍ରୟାସ କରିବାକୁ ହେବ ଓ ଅବଶ୍ୟ ବିଜେପି ପାଖରେ ଅର୍ଥ, କ୍ଷମତା ଓ ବାହୁବଳ ରହିଛି ଓ କିନ୍ତୁ ସଚେତନ ମହାରାଷ୍ଟ୍ରବାସୀଙ୍କୁ ଭୁଆଁ ବୁଲାଇବା ଏତେ ସହଜ ହୋଇନପାରେ। କଂଗ୍ରେସ ପକ୍ଷରୁ ସଚିନ ପାଇଲଟଙ୍କୁ ମହାରାଷ୍ଟ୍ର ନିର୍ବାଚନ ପାଇଁ ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଛି । ସଚିନ ଜଣେ ବିଚକ୍ଷଣ ଯୁବ ରାଜନେତା ଓ ବିଦ୍ରୋହୀଙ୍କୁ ମନାଇବାରେ କଂଗ୍ରେସ । ଏହାର ମେଣ୍ଟ ଦଳର ଆଉ କିଛି ସମସ୍ୟା ନାହିଁ । ଏହି ମହାମେଣ୍ଟ ଭାଙ୍ଗିବାକୁ ବିଜେପି ଅନେକ ପ୍ରୟାସ କରିଛି ଓ କିନ୍ତୁ ସଫଳତା ପାଇନାହିଁ ଓ ଚଳିତ ନିର୍ବାଚନରେ ମହାମେଣ୍ଟ ଭଲ ପ୍ରଦର୍ଶନ କରିବ ବୋଲି ଆଶାବାଦୀ ଅଛନ୍ତି ସଚିନ। କେଉଁ ପ୍ରସଙ୍ଗକୁ ଗୁରୁତ୍ୱ ଦେଇ ବିଜେପି । ଏହାର ମେଣ୍ଟ ଦଳ ପ୍ରଚାର କରିବେ ତାହା କହିହେବ ନାହିଁ । କାରଣ ସେମାନଙ୍କ ନିକଟରେ ସେପରି କୌଣସି ପ୍ରସଙ୍ଗ ନାହିଁ । ଏପଟେ ଯେପରି ଭାବରେ ଶିବସେନା । ଏନସିପିକୁ ଦୁଇ ଫାଳ କରାଗଲା ଏବଂ କ୍ଷମତା ଦଖଲ କରିବା ପାଇଁ ଯେଉଁ ଅଗଣତାନ୍ତ୍ରିକ ପଦ୍ଧତି ଅବଲମ୍ବନ କରାଗଲା ତାହାର ଉପଯୁକ୍ତ ଜବାବ ମହାରାଷ୍ଟ୍ରବାସୀ ଦେବେ ବୋଲି କଂଗ୍ରେସ ଦଳର କେତେକ ବରିଷ୍ଠ ନେତା ଦୃଢ ମତ ରଖିଥିବାବେଳେ ଜନାଦେଶ ପ୍ରତି ଏହା ଥିଲା ଏକ ଆତ୍ମଘାତୀ ପ୍ରକ୍ରିୟା ବୋଲି କେତେକ ବରିଷ୍ଠ ସାମ୍ବାଦିକ ଓ ଆଇନଜୀବୀଙ୍କ ମତାମତକୁ ମଧ୍ୟ ଗୁରୁତ୍ୱର ସହିତ ବିଚାରକୁ ନିଆଯାଇପାରେ। ବିଦ୍ରୋହୀ ପ୍ରାର୍ଥୀ ହିଁ ବିଜେପି ଓ ଏହାର ମେଣ୍ଟ ଦଳକୁ ହରାଇବାର କାରଣ ହେବେ ବୋଲି ବିଭିନ୍ନ ମହଲରେ ଆଲୋଚନା ହେଉଥିବା ଶୁଣିବାକୁ ମିଳିଛି ।

ପୌରାଣିକ କାହାଣୀ : ରାମାୟଣ ଓ ଦୈତ୍ୟରାଜ ବଳୀ

ଡାକ୍ତର ଦିଲ୍ଲୀପ କୁମାର ମହାରଣା

ପୌରାଣିକ ତଥ୍ୟ ଅନୁଯାୟୀ କାର୍ତ୍ତିକ କୃଷ୍ଣ ଚତୁର୍ଦ୍ଦଶୀରେ ଦୀପାବଳି ଉତ୍ସବ ପାଳନ କରାଯାଏ । ଏହି ପର୍ବ ପ୍ରାୟ ସମସ୍ତେ ପାଳନ କରନ୍ତି ଘରେ ଘରେ ସେ ଦିନ ଦୀପ ଜଳେ, ବାଣ ଫୁଟାଯାଏ । ଶ୍ରାଦ୍ଧ କରାଯାଏ । ପିଠାପଣା ହୁଏ । ଦୀପାବଳି ଉତ୍ସବ ପାଳନ ବିଷୟରେ ନାନା ପ୍ରକାର ପୁରାଣ ଓ ଲୋକକଥା ଶୁଣାଯାଏ । ଏହି ଦୀପାବଳି ଅମାବାସ୍ୟାକୁ ଲୋକାକ୍ତିରେ ପୟାଅମାବାସ୍ୟା କହନ୍ତି ।

ଦୈତ୍ୟରାଜା ବଳୀଙ୍କ କଥା ଉଲ୍ଲେଖ କରୁଛୁ। ଦୈତ୍ୟରାଜା ବଳି ମହାଦାନୀ ଥିଲେ । ସେ ଏପରି ଦାନ କଲେ ଯେ ସ୍ୱର୍ଗର ଦେବତାମାନଙ୍କ ମଧ୍ୟରେ ଭାଳେଣି ପଡ଼ିଗଲା, କାରଣ ତାଙ୍କର ପୁଣ୍ୟ ଫଳରେ ସେ ସ୍ୱର୍ଗପୁରର ଅଧିକାରୀ ହୋଇପାରନ୍ତି । ଏଣୁ ଦେବତା ମାନଙ୍କ କଥା ରକ୍ଷା କରି ବିଷ୍ଣୁ ବାମନ ଅବତାର ଗ୍ରହଣ କରି ବଳିରାଜଙ୍କ ପାଖରେ ପହଞ୍ଚି ତାଙ୍କୁ ତିନିପାଦ ଭୂମି ମାଗିଥିଲେ । ଗୋଟିଏ ପାଦରେ ପୃଥିବୀ, ଗୋଟିଏ ପାଦରେ ସ୍ୱର୍ଗ ଏବଂ ତୃତୀୟ ପାଦରେ ବଳିଙ୍କୁ ପାତାଳକୁ ଚାପିଦେଲେ । ତେଣୁ ସେ ପାତାଳ ପୁରକୁ ଚାଲିଗଲେ । ତାପରେ ବଳିଙ୍କ ପ୍ରାର୍ଥନା ଶୁଣି ପାତାଳରେ ବଳିକୁ ରାଜା କରିଦେଲେ । ବର୍ଷକରେ ଥରେ ମର୍ତ୍ତ୍ୟପୁରକୁ ଆସି ପ୍ରଜାମାନଙ୍କୁ ଦେଖିବାକୁ ବଳି ବର ମାଗନ୍ତେ ବିଷ୍ଣୁ ଏଥିରେ ସମ୍ମତି ଜଣାଇ କାର୍ତ୍ତିକ ଅମାବାସ୍ୟା ଦିନ ବଳି ମର୍ତ୍ତ୍ୟକୁ ଆସିବାକୁ ତଥାସ୍ତୁ କହିଲେ । ତେଣୁ ସେଦିନକୁ ମର୍ତ୍ତ୍ୟବାସୀ ଆନନ୍ଦର ଦୀପ ଜାଳି ଆଲୋକିତ କରନ୍ତି । ଭଗବାନ ବିଷ୍ଣୁ ଭକ୍ତ ପ୍ରହ୍ଲାଦଙ୍କୁ ଇନ୍ଦ୍ରପଦ ଯାଚିବାରୁ ସେ ବିନୀତ ଭାବେ ପ୍ରତ୍ୟାଖ୍ୟାନ କରିବାରୁ, ତାଙ୍କର ନାତି ବଳୀରାଜାଙ୍କୁ ଏହିଦିନ ଇନ୍ଦ୍ରପଦ ପ୍ରଦାନ କରିଥିଲେ । ତେଣୁ ଦାନବଗଣ ଦୀପଜଳାଇ, ବାଣ, ଆତସବାଜି ଫୁଟାଇ ଉତ୍ସବ ପାଳିଥିଲେ । ବିରୋଚନ ପୁତ୍ର ବଳି ଇନ୍ଦ୍ର ଓ ମରୁତଗଣଙ୍କୁ ପରାସ୍ତ କରି ତ୍ରିଭୁବନ ଜୟକରି ପ୍ରଜାପାଳନ କରୁଥିଲେ । ଦାନ ପାଇଁ ସେ ପ୍ରସିଦ୍ଧ ଥିଲେ ଏବଂ ଯେ ଯାହା ମାଗୁଥିଲେ ତାହା ଦାନ କରୁଥିଲେ । ତାଙ୍କର ବିକ୍ରମ ଓ ଦାନର ପ୍ରଭାବରେ ସେ ଇନ୍ଦ୍ର ଓ ଦେବତାମାନଙ୍କୁ ନିଷ୍ପ୍ରଭ କରିବାକୁ ବସିଲେ । ଏଥିରେ ଇନ୍ଦ୍ର ଓ ଦେବଗଣ ଭୟଭୀତ ହେଲେ । ବଳି ଏକ ପ୍ରସିଦ୍ଧ ଯଜ୍ଞ କଲେ । ଏହି ଯଜ୍ଞ ଶେଷ ହେଲେ ଇନ୍ଦ୍ର ଓ ଦେବଗଣଙ୍କର ସମସ୍ତ ଶକ୍ତି ଓ ତେଜ ଚାଲିଯିବ । ଏହାର ଆଶୁ ନିରାକରଣ ପାଇଁ ଭଗବାନ ବିଷ୍ଣୁଙ୍କର ଶରଣାପନ୍ନ ହେଲେ । ବିଷ୍ଣୁ ବାମନ ରୂପରେ ବଳିଙ୍କ ଠାରୁ ତିନିଲୋକ ପ୍ରାପ୍ତ ହେଲେ ଦାନପ୍ରଦାନ ଛଳରେ ମାୟାବୀବିଷ୍ଣୁ ଗର୍ବୀବଳିଙ୍କୁ ତୃତୀୟ ପାଦରେ ପାତାଳ ଚାପି ଦେଲେତ୍ଥା ଦେଲେ ଯେ ବଳି ବର୍ଷରେ ଥରେ ପୃଥ୍ୱୀଲୋକକୁ ଆସିପାରିବ । ତାଙ୍କ ଆଗମନରେ ଭୂଲୋକବାସୀ ଆନନ୍ଦ ଉଲ୍ଲାସରେ ପ୍ରଦୀପ ଜାଳି ତାଙ୍କୁ ସମ୍ବର୍ଦ୍ଧିତ କରିବେ । ସେହି ଆଲୋକ ସମ୍ବର୍ଦ୍ଧନା କାଳକ୍ରମେ ଦୀପାବଳି ଉତ୍ସବରେ ରୂପାନ୍ତରିତ ହେଲା । ପବିତ୍ର ଦୀପାବଳି ଆମ ସମସ୍ତଙ୍କୁ ସତ୍‌କାର୍ଯ୍ୟ, ଈଶ୍ୱର ଚିନ୍ତନ ଓ ପରୋପକାର ପାଇଁ ଆଲୋକବର୍ତ୍ତିକା ଦେଖାଉ ଏହା ହିଁ କାମନା।

ଶିଖରପୁର ଉପରସାହି, କଟକ, ଦୂରଭାଷ : ୮୨୮୦୯୬୩୨୮୩

ଆହାର ବ୍ୟାୟାମ ବିଶ୍ରାମ

ଅନୁପମା ମହାରଣା

ସେଦିନ ଅଫିସରେ ପହଞ୍ଚୁ ପହଞ୍ଚୁ ରୋମାଙ୍କର ଡ଼େରି ହୋଇଗଲା । କାହାକୁ କିଛି ନ କହି ସେ ଚେୟାର ଉପରେ ବସି ପଡ଼ିଲେ । ତାଙ୍କର ବିଷର୍ଣ୍ଣ ବଦନ ଦେଖି ସହକର୍ମୀ ନୀତା ପଚାରିଲେ ଆରେ ତୋ'ର କ'ଣ ହୋଇଛି ? ତୋ ମୁହଁ କାହିଁକି ଶୁଖିଲା ଦେଖାଯାଉଛି । ଆରେ ଏମିତି କାମରେ ବ୍ୟସ୍ତ ରହିବା ସହ ଶରୀରର ବି ଯତ୍ନ ନେବା ଆବଶ୍ୟକ । ଏତକ ଶୁଣିବା ପରେ ରୋମା ଉତ୍ତର ଦେଲେ - କ'ଣ କରିବି କହିଲୁ ? ୩-୪ ଦିନ ହେବ ଦେହ ଭଲ ନାହିଁ । ଡାକ୍ତରଙ୍କ ପାଖକୁ ଯିବି ଯିବି ବୋଲି ଯାଇପାରୁନାହିଁ । ଗତ ସପ୍ତାହରେ କିଛି ଦିନ ମର୍ଣ୍ଣିଂ ୱାକ୍ କଲି । ହେଲେ ୪-୫ଦିନ ପରେ ଆଉ ଆଗ୍ରହ ହେଲା ନାହିଁ । ସତ କଥା କହିଲେ ଟାଇମ୍ ନାହିଁ । ନୀତା କହିଲେ ମୁଁ ତୋତେ ବୁଝାଇଲେ ତୁ ବୁଝିବୁ ନାହିଁ । ତୁ ଡାକ୍ତରଙ୍କ ପାଖକୁ ଚାଲ । ଡାକ୍ତରଙ୍କ ପାଖକୁ ଯାଇ ରୋମା ଯାହା ଶୁଣିଲେ ତାହା ତାଙ୍କ ମନରେ ଥିବା ଅନେକ ସନ୍ଦେହକୁ ଦୂର କରିଦେଲା । କେବଳ ରୋମା ନୁହଁନ୍ତି, ଏପରି ଅନେକ କର୍ମଜୀବୀ ମହିଳା ଅଛନ୍ତି ଯେଉଁମାନେ କାମକୁ ଗୁରୁତ୍ୱ ଦେଇ ନିଜ ସ୍ୱାସ୍ଥ୍ୟର ଯତ୍ନ ନେବାକୁ ସମୟ ପାଇନଥାନ୍ତି । ଯେତେବେଳେ ନେଡ଼ିଗୁଡ଼ କହୁଣିକୁ ବୋହିଯାଏ ସେତେବେଳେ ଡାକ୍ତରଙ୍କ ପାଖକୁ ଯାଇ ଅଯଥା ଟଙ୍କା ଖର୍ଚ୍ଚ କରିଥାନ୍ତି । ତେଣୁ ନିଜର ଦାୟିତ୍ୱ ସହ ଆଉ କେତୋଟି ବିଷୟ ପ୍ରତି ସଚେତନ ରହିଲେ ରୋମାଙ୍କ ପରି ସମସ୍ୟା ଆସିବାର ଆଶଙ୍କା ଅନେକାଂଶରେ କମ୍ ଥାଏ ।

ପ୍ରଥମ କଥା ହେଲା ସମୟ । ଏଣେ ଚାକିରିକୁ ତେଣେ ଘରକାମ । ଏସବୁ ଭିତରେ ଜଣେ କର୍ମଜୀବୀ ମହିଳାଙ୍କୁ ନିଜ ପାଇଁ କିଛି ସମୟ ବାହାର କରିବାକୁ ପଡ଼ିବ । ସକାଳୁ ଅଫିସ ଗଲେ ବି ବଡ଼ି ଭୋରରୁ ଉଠି କିଛି ସମୟ ବ୍ୟାୟାମ କଲେ କିଛି କ୍ଷତି ନାହିଁ । କିପରି ବ୍ୟାୟାମ କଲେ ତାହା ଆପଣଙ୍କ ଶରୀର ପାଇଁ ଯେ ଉପକାରୀ ଜାଣିବା ଦରକାର । ଏଥିନେଇ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ । କେବଳ ବ୍ୟାୟାମ ନୁହେଁ, ସକାଳୁ କିଛି ସମୟ ଯୋଗ କରିପାରନ୍ତି । ସକାଳୁ ଅତିକମ୍‌ରେ ୧୦ ମିନିଟ୍ ଯୋଗ କରିବାକୁ ଚେଷ୍ଟା କରନ୍ତୁ । ଯଦି ନିୟମିତ ଜିମ୍ ଯାଉଛନ୍ତି ତେବେ ସେଠାରେ ଏପରି ବ୍ୟାୟାମ କରନ୍ତୁ ଯାହାଦ୍ୱାରା ହୃଦ୍‌ସ୍ପନ୍ଦନ ସନ୍ତୁଳିତ ରହିବ । ଶରୀରକୁ ଝାଳ ନିର୍ଗତ ହେବା ପରେ ଅନ୍ତତଃ ଅଧ ଘଣ୍ଟାଏ ବିଶ୍ରାମ ନିଅନ୍ତୁ । ଲିଫ୍ଟରେ ନଯାଇ ଶିଡ଼ିରେ ଯାଆନ୍ତୁ । ଏହାଦ୍ୱାରା ମାଂସପେଶୀ ଆହୁରି ଚଳଚଞ୍ଚଳ ରହିଥାଏ । ଗୋଟିଏ ସ୍ଥାନରେ ଅଧିକ ସମୟ ବସି ରହି କାମ କରୁଥିଲେ ମଝିରେ କିଛି ସମୟ ଚାଲବୁଲ କରନ୍ତୁ ।

ହେଲେ କେଉଁ କାମ କେଉଁ ସମୟରେ କରିବେ ତାହାର ତାଲିକା ପ୍ରସ୍ତୁତ କରିବା ଦରକାର । ନ ହେଲେ ଏକାଥରେ ସବୁକାମ ଆବୋରି ହଇରାଣ ହେବା ହିଁ ସାର । ସପ୍ତାହରେ ସବୁଦିନେ ନ ହେଲା ନାହିଁ ଅତିକମ୍‌ରେ ପାଞ୍ଚଦିନ ବ୍ୟାୟାମ କଲେ ତାହା ଶରୀର ପାଇଁ ବେଶ୍ ଉପକାରୀ । ଦିନକୁ ଘଣ୍ଟାଏ ହେଉ ଅବା ଅଧଘଣ୍ଟାଏ ଏଥିପାଇଁ ରଖନ୍ତୁ । ନିଜକୁ ଫିଟ୍ ରଖିବାକୁ ଖାଲି ବ୍ୟାୟାମ କଲେ ହେବ ନାହିଁ, ଖାଦ୍ୟପେୟ ପ୍ରତି ବି ଧ୍ୟାନ ଦେବାକୁ ପଡ଼ିଥାଏ । ସବୁବେଳେ ଭିଟାମିନଯୁକ୍ତ ଖାଦ୍ୟ ଖାଆନ୍ତୁ । ସନ୍ତୁଳିତ ଆହାର ଯେ ଶରୀର ପାଇଁ ଉପକାରୀ ଏକଥା ଭୁଲି ଯାଆନ୍ତୁ ନାହିଁ । ଅଫିସ ଯିବା ପୂର୍ବରୁ ସବୁ କାମ ଠିକ୍ ସମୟରେ ଶେଷ କରନ୍ତୁ । ସକାଳ ଜଳଖିଆରେ ତଟକା ଫଳମୂଳ ସାମିଲ କରନ୍ତୁ । ଏହାଦ୍ୱାରା ଆପଣଙ୍କର ଓଜନ ସନ୍ତୁଳିତ ରହିବ । ଫାଷ୍ଟଫୁଡ୍‌ଜାତୀୟ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ । ପୁଷ୍ଟିକର ତଥା ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଆନ୍ତୁ ।

କର୍ମଜୀବୀ ମହିଳାଙ୍କ ପାଇଁ ସବୁଠାରୁ ଖାସ୍ କଥା ହେଲା ବିଶ୍ରାମ । ଦିନ ତମାମ ଅଫିସରେ କାମ ସହ ଘର ଦାୟିତ୍ୱ ବି ନେବାକୁ ପଡ଼ିଥାଏ । ତେଣୁ ଶରୀରକୁ ବିଶ୍ରାମ ଦରକାର । ପ୍ରତିଦିନ ଆବଶ୍ୟକ ମୁତାବକ ବିଶ୍ରାମ ନିଅନ୍ତୁ । ପରିଶ୍ରମ ଅନୁସାରେ ବିଶ୍ରାମ ନନେଲେ ତାହା କେତେକ ରୋଗର କାରଣ ହୋଇଥାଏ । ଏହାବ୍ୟତୀତ ନିୟମିତ ସମୟ ଅନ୍ତରାଳରେ ଡାକ୍ତରଙ୍କ ପାଖକୁ ଯାଇ ଶରୀର ଚେକ୍‌ଅପ୍ କରାଇ ନିଅନ୍ତୁ । ମୁଖ୍ୟତଃ ଆହାର, ବ୍ୟାୟାମ ଓ ବିଶ୍ରାମ ପ୍ରତି ଧ୍ୟାନ ଦେଲେ ଜଣେ କର୍ମଜୀବୀ ମହିଳା ସୁସ୍ଥ ଜୀବନଯାପନ କରିପାରିବେ - ଏକଥା ସେମାନେ ହୃଦୟଙ୍ଗମ କରିବା ଦରକାର ।

ଶିଖରପୁର ଉପରସାହି, କଟକ,
ଦୂରଭାଷ : ୯୪୩୮୫୮୩୨୮୯

ସତ୍ୟାନୁସରଣର ଆହ୍ୱାନ ଓ ସତ୍ତା ସମ୍ବର୍ଦ୍ଧନୀ ସମ୍ମିଳନୀ

ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ପରମପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ପ୍ରିୟ ଭକ୍ତ ଅତୁଳ ଚନ୍ଦ୍ର ଭଟ୍ଟାଚାର୍ଯ୍ୟଙ୍କର ଆକୁଳ ପ୍ରାର୍ଥନାରେ ଓଡ଼ିଆ ୧୩୧୬ ସାଲରେ ୨୨ ବର୍ଷ ବୟସରେ ଶ୍ରୀ ଶ୍ରୀ ଠାକୁର ଏକ ରାତ୍ରିରେ ଲିପିବଦ୍ଧ କରିଥିଲେ ଅମୃତ-ନିଷ୍ୟନ୍ଦୀ ସ୍ୱତଃ ଉତ୍ସାରିତ ବାଣୀ ଯାହାକି ସତ୍ୟାନୁସରଣ ନାମରେ ଚିର ପୂଜିତ । ଭକ୍ତର ପ୍ରାର୍ଥନା ଓହ୍ଲାଇ ଆଣିଲା ପୃଥିବୀ ପୃଷ୍ଠରେ ମନ୍ଦାକିନୀର ପୁଣ୍ୟଧାରା ଯାହାକି ସଞ୍ଜୀବିତ କରି ରଖିବ ତାଙ୍କୁ ଏବଂ ଯୁଗ ଯୁଗ ଧରି ପ୍ରତ୍ୟେକଟି ମଣିଷଙ୍କୁ । ଶ୍ରୀ ଶ୍ରୀ ଠାକୁରଙ୍କ ଦୃଷ୍ଟିଭଙ୍ଗିରେ ଜୀବନର ଦୁଇଟି ଅପରିହାର୍ଯ୍ୟ ଦିଗ ରହିଛି । ପ୍ରଥମ ହେଉଛି - ବଞ୍ଚିବା ଓ ଦ୍ୱିତୀୟଟି ହେଉଛି ବୃଦ୍ଧି, ଆନନ୍ଦ କିମ୍ବା ବିସ୍ତାରିତ

ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀଙ୍କ ଅନୁଗୋଳ ଗସ୍ତ

ଅନୁଗୋଳ,(ମହାଭାରତ):ମାନ୍ୟବର ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ଓ ବିଜ୍ଞାନ ଏବଂ ବୈଷୟିକ ବିଭାଗ ମନ୍ତ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଦିନିକିଅ। ଅନୁଗୋଳ ଗସ୍ତରେ ଆସି ଆଜି ସ୍ଥାନୀୟ ସର୍କିଟ ହାଉସ୍ ଠାରେ ଯୋଗାଣ ବିଭାଗର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ ଜିଲ୍ଲାପାଳ ଶ୍ରୀ ଅବଦାଲ୍ ମୁହମ୍ମଦ୍ ଅଖତର ମାନ୍ୟବର ମନ୍ତ୍ରୀଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରିଥିଲେ ।

ଏହି ସମୀକ୍ଷା ବୈଠକରେ ମାନ୍ୟବର ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ମାନ୍ୟବର ପାଲଲହଡା ବିଧାୟକ ଅଶୋକ ମହାନ୍ତି, ମାନ୍ୟବର ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ମାନ୍ୟବର ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ପ୍ରଭାତ ପ୍ରଧାନ,ମାନ୍ୟବର ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ଶ୍ରୀ ସୁଦୀପ ଗଡନାୟକ ମଧ୍ୟ ଯୋଗ ଦେଇଥିଲେ ବୈଠକରେ ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ବିଭିନ୍ନ ତଥ୍ୟ ପାୱାର ପଏଣ୍ଟ ମାଧ୍ୟମରେ ଉପସ୍ଥାପନ କରାଯାଇଥିଲାଜିଲ୍ଲାର ସମସ୍ତ ରାସନ୍ କାର୍ଡ ଧାରୀଙ୍କ ଇ-କୋସି ପ୍ରକ୍ରିୟା ନଭେମ୍ବର ୧୫ ତାରିଖ ସୁଦ୍ଧା ଶେଷ କରିବା ଏବଂ ଅଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରି ରାସନ କାର୍ଡ ତାଲିକାରୁ ବାଦ୍ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।

ସେହିପରି ଜିଲ୍ଲାରେ କେତେ ଗୋଟି ଗୋଦାମ ଗୃହର ଆବଶ୍ୟକତା ରହିଛି ତାହା ଆକଳନ କରି ଖୁବ୍ ଶିଘ୍ର ରିପୋର୍ଟ ପ୍ରଦାନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ଆସନ୍ତା ଖରିଫ ଧାନ କିଣା ପ୍ରକ୍ରିୟାରେ ସ୍ୱଚ୍ଛତା ଓ ନିରପେକ୍ଷତା ଅବଲମ୍ବନ ଏବଂ ଦଲାଲମୁକ୍ତ କରିବା ପାଇଁ ପରାମର୍ଶ ଦେଇଥିଲେ କୌଣସି ଚାଷୀ ଯେପରି ଧାନ କିଣା ପ୍ରକ୍ରିୟାରୁ ବଞ୍ଚିତ ନ ହେବେ ସେଥିପାଇଁ ବିଶେଷ ଧ୍ୟାନ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

ପ୍ରତ୍ୟେକ ଚାଷୀର ଧାର୍ଯ୍ୟ ତାରିଖ ମୁତାବକ ଧାନ କ୍ରୟ କରାଯିବ ଏବଂ ଏଥିରେ କୌଣସି ବ୍ୟତିକ୍ରମ କିପରି ନ ହେବ ସେଥି ନିମନ୍ତେ ବିଶେଷ ଧ୍ୟାନ ଦେବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପ୍ରତି ଧାନ କ୍ରୟ କେନ୍ଦ୍ର (ମଣ୍ଡି) ରେ ଚାଷୀମାନଙ୍କ ପାଇଁ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା ଯଥା- ପାନୀୟ ଜଳ, ପାଲ, ବସିବା ବ୍ୟବସ୍ଥା ଲୟାଦିର ସୁବ୍ୟବସ୍ଥା କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ, ଜିଲ୍ଲା ଯୋଗାଣ ଅଧିକାରିଣୀ ଶ୍ରୀମତୀ ସ୍ମିତା ନାୟକଙ୍କ ସମେତ ଜିଲ୍ଲା ଯୋଗାଣ ବିଭାଗ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ

ଜିଲ୍ଲା ବ୍ରାହ୍ମଣ ମହାସଭା ବଲାଙ୍ଗିରର ବିଶ୍ୱ ଶାନ୍ତି ମହା ଯଜ୍ଞ

ବଲାଙ୍ଗିର, ୧।୧୧(ମହାଭାରତ):ଜିଲ୍ଲା ବ୍ରାହ୍ମଣ ମହାସଭା ଆନୁକୁଲ୍ୟରେ ନୃସିଂହ ମନ୍ଦିର ପ୍ରାଙ୍ଗଣରେ ଲକ୍ଷ୍ମୀ ନୃସିଂହାୟ ଯଜ୍ଞ ମହାସମାରୋହରେ ପାଳିତ ହୋଇଯାଇଛି । ବ୍ରଜ କିଶୋର ପଣ୍ଡା ସପତ୍ନିକ କର୍ତ୍ତା ଭାବରେ ଦାୟିତ୍ୱ ତୁଳାଇଥିଲେ । ପଣ୍ଡିତ ଗିରିଧାରୀ ଶତପଥିଙ୍କ ପୌରହିତ୍ୟରେ ପଣ୍ଡିତ ଲକ୍ଷ୍ମୀ ପ୍ରସାଦ ଚାନ୍ଦ, ପଣ୍ଡିତ ସନ୍ତୋଷ ଶତପଥି ଏବଂ ପଣ୍ଡିତ ଚନ୍ଦ୍ରଧ୍ୱଜ ମିଶ୍ର ସମସ୍ତେ ମିଶି ଲକ୍ଷ୍ମୀ ନୃସିଂହ ଭଗବାନଙ୍କ ଉପଲକ୍ଷେ ୧୦୦୮ ଆହୁତି ନୃସିଂହ ମନ୍ତ୍ରରେ ବିଶ୍ୱ ଶାନ୍ତି ପାଇଁ ଆହୁତି ପ୍ରଦାନ ଏବଂ ହୋମ ଯଜ୍ଞ କାର୍ଯ୍ୟ ତୁଳାଇଥିଲେ । ସଭାପତି ଧନଞ୍ଜୟ ମିଶ୍ର ନୃସିଂହ ମନ୍ତ୍ର ଶ୍ଳୋକପାଠ କରିଥିଲେ । ଶକ୍ତି ବାହିନୀ ର ମାଁ ମାନେ ତୁଳସୀ ମଞ୍ଜରୀ ଅର୍ପଣ କରିଥିଲେ । ସଂପାଦକ ଆଇନଜିବୀ ଜୟରାମ ମିଶ୍ର, ଉପ-ସଭାପତି ଗୋପବନ୍ଧୁ ପୁରୋହିତ, କୋଷାଧ୍ୟକ୍ଷ ପର୍ଶୁରାମ ନାୟକ, ସଂଗଠନ ସଂପାଦକ କିଶୋର କୁମାର ପୁରୋହିତ, ପୁରୁଷୋତ୍ତମ ପଣ୍ଡା, ପଣ୍ଡିତ ଶ୍ୟାମ ସୁନ୍ଦର ଦାଶ, ନଗର ସଭାପତି ନରେନ୍ଦ୍ର କୁମାର ଆଚାର୍ଯ୍ୟ, ସଂପାଦକ ସଂକୀର୍ତ୍ତନ ତ୍ରିପାଠି, ବରିଷ୍ଠ ଅଧ୍ୟକ୍ଷ ସତ୍ୟବନ୍ତ ବେଦବାକ୍, ସରୋଜ କୁମାର ପାଣିଗ୍ରାହୀ, ଗୋପାଳଜୀ ପାଣିଗ୍ରାହୀ, ଶିବ ପ୍ରସାଦ ଖୁଆସ, ଲୋକନାଥ ନେପାକ, ସାମ୍ବାଦିକ ଗୋପବନ୍ଧୁ ଶତପଥି, ବିଗ୍ନରାଜ ମିଶ୍ର, କିଶୋର ମୋହନ ମିଶ୍ର, ରାକେଶ ପଣ୍ଡା, କୃପାସିନ୍ଧୁ ମିଶ୍ର, ଦାମୋଦର ଓତା, ଶିବ ଶଙ୍କର ରଥ, ସନ୍ତୋଷ ତ୍ରିପାଠି, ଜଗନ୍ନାଥ ଷଡଙ୍ଗି, ସିଦ୍ଧେଶ୍ୱର ପାଣିଗ୍ରାହୀ ସମେତ ବହୁତ ସଭ୍ୟ ଯୋଗଦାନ କରିଥିଲେ । ଶକ୍ତି ବାହିନି ର କସ୍ତୁରୀ ରଥ, ରନ୍ ମଞ୍ଜରୀ ପଣ୍ଡା, ମାଳତି ଉଦ୍‌ଗାତା, ସୌଦାମିନୀ ମିଶ୍ର,ସୁମନ ତ୍ରିପାଠି, ଆରତି ମିଶ୍ର, କଲ୍ୟାଣି ନାୟକ, ଲକ୍ଷ୍ମୀପ୍ରୀୟା ମିଶ୍ର, ଜୟଶ୍ରୀ ଆଚାର୍ଯ୍ୟ, ପୁଷ୍ପାଞ୍ଜଳି ଶତପଥି ପ୍ରଭୁତି ତୁଳସି ଅର୍ପଣ କରିଥିଲେ । ସଂପାଦକ ଜୟରାମ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

କଳିଙ୍ଗନଗର ନୀଳାଚଳ ଟାଟା ଲଙ୍ଗ ପ୍ରଡକ୍ଟରେ ଠିକା ଶ୍ରମିକ ୩ ଦିନ ଧରି ନିଖୋଜ

କଳିଙ୍ଗନଗର,୧।୧୧(ମହାଭାରତ):ଯାଜପୁର ଜିଲା ନୀଳାଚଳ ଇସ୍ପାତ ନିଗମ ଲିମିଟେଡର ଭେଣ୍ଡର ପାର୍ଟନର ସ୍ୱୟମ୍ ଏଣ୍ଟରପ୍ରାଇଜେସ ଅଧୀନରେ ହେଲପର ଭାବେ କାର୍ଯ୍ୟ କରୁଥିବା ସିଲୁ ପ୍ରଧାନ ଗତ ୩୦ ତାରିଖରୁ ନିଖୋଜ ଥିବା ନେଇ ନେଇ ଶୁକ୍ରବାର ପରିବାର ଲୋକେ ଅଭିଯୋଗ କରିଛନ୍ତି।

ପରିବାର ଲୋକଙ୍କ କହିବା ମୁତାବକ, ପୁଅ ସିଲୁ ଗତ ୩୦ ତାରିଖ ପୂର୍ବାହ୍ନ ପ୍ରାୟ ୧୦ଟା ୩ ମିନିଟରେ କାରଖାନା ଭିତରକୁ ପ୍ର ପ୍ରବେଶ କରିଥିବା କାରଖାନା ର ସିସି କ୍ୟାମେରା ରୁ ଦେଖିବାକୁ ମିଳିଛି। ଯାହାକି ମୁଖ୍ୟ ଫାଟକରେ ଥିବା ସୁରକ୍ଷାକର୍ମୀଙ୍କ ପ୍ରବେଶ ଉପସ୍ଥାପନ ରେକର୍ଡରେ କମ୍ପାନୀ ଭିତରକୁ ଯାଇ ଉପଲବ୍ଧ ରହି। ହେଲେ ସିଲୁ କାରଖାନା ରୁ ବାହାର ର କୁ ଆସିବା ର ସିସି କ୍ୟାମେରା ର କୌଣସି ଫୁଟେଜ୍ କିମ୍ବା କାରଖାନା ରୁ ଆସିବା ବେଳ ର ବାଇଓମେଟ୍ରିକ ନଥିବା ରୁ ପରିବାର ଲୋକେ ସିଲୁ କୁ ମାରି କାରଖାନା ପରିସରରେ ରେ ପୋତି ଦେଇଥିବା ସନ୍ଦେହ କରାଯାଉଛି । ଏପଟେ ପରିବାର ଲୋକେ ବୁଧବାର ଠାରୁ ପୁଅ କୁ ନପାଇ ଆଶଙ୍କା ରେ ଥିବା ବେଳେ କାରଖାନା ର ସିକ୍ୟୁରିଟି ଅଧିକାରୀ ଓ କାରଖାନା ର କିଛି ଠିକାଦାର କାରଖାନା କର୍ତ୍ତୃପକ୍ଷ ଙ୍କ ଇଙ୍ଗିତରେ ନିଖୋଜ ସିଲୁ ଙ୍କ ସମ୍ପର୍କୀୟ ଙ୍କ ଉପରେ ଆକ୍ରମଣ କରି ଘୋଉଡାଇ ଦେବାକୁ ଚେଷ୍ଟା କରୁଥିଲେ। ଏହାକୁ ସ୍ଥାନୀୟ ଲୋକେ ନା ପସନ୍ଦ କରିଛନ୍ତି। ପୁଅ କୁ ନପାଇ ପରିବାର ଲୋକେ ବିବ୍ରତ ଥିବା ବେଳେ କାରଖାନା ର ଗୁଣ୍ଡା ବାହିନୀ ଆକ୍ରମଣ ରେ ପରିଜନ ବ୍ୟତୀ ବ୍ୟସ୍ତ ହୋଇପଡିଛନ୍ତି । ୩ ଦିନ ଧରି ନିଖୋଜ ସିଲୁ ଫେରି ନ ଥିବା ବେଳେ ପିତା ମାତା ଙ୍କ ଆଖିରୁ ଲୁହ ସୁଖନି ପରିବାର ଲୋକେ ଅଭିଯୋଗ କରିଛନ୍ତି ସିଲୁ ଢେଙ୍କାନାଳ ଜିଲା କାଲୁଶିଗୋଡ଼ା ଗ୍ରାମର ବାସିନ୍ଦା। ଅନ୍ୟପକ୍ଷେ ପକ୍ଷେ ପରିବାର ଲୋକଙ୍କ ସହ ଗ୍ରାମବାସୀ ଶୁକ୍ରବାର କମ୍ପାନୀ ଗେଟ୍ ସମ୍ମୁଖରେ ପହଞ୍ଚି ସିଲୁଙ୍କୁ ଫେରାଇ ଦେବାକୁ ଦାବି କରିଛନ୍ତି। ଏପରିକି ଗ୍ରାମବାସୀ କମ୍ପାନୀ ଗେଟ୍ ଗେଟକୁ ବନ୍ଦ କରିଦେଇଛନ୍ତି ଫଳରେ ଘଟଣାସ୍ଥଳରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ସୃଷ୍ଟି ହୋଇଛି ଖବର ପାଇ କଳିଙ୍ଗନଗର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

ଫିରିଙ୍ଗିଆର ଜଣାଶୁଣା ଶିକ୍ଷକ ତଥା ମଞ୍ଚ ଅଭିନେତା ନରେନ୍ଦ୍ର କହଁର ଙ୍କ ପରଲୋକ

କନ୍ଧମାଳ,୧।୧୧(ମହାଭାରତ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ। ସହରର ଜଣାଶୁଣା ଆଦର୍ଶ ଶିକ୍ଷକ ତଥା ମଞ୍ଚ ଅଭିନେତା ନରେନ୍ଦ୍ର କହଁର ଙ୍କ ଗୁରୁବାର ଅପରାହ୍ନ ପାଞ୍ଚଟା ସମୟରେ ପରଲୋକ ହୋଇଯାଇଛି ମୃତ୍ୟ ବେଳକୁ ତାଙ୍କୁ ମାତ୍ର ୨୯ ବର୍ଷ ହେଉଥିଲା ସେ ଦୀର୍ଘ ଆଠ ମାସ ହେଲା କ୍ୟାନ୍ସର ରୋଗରେ ପୀଡିତ ହୋଇ ଚିକିତ୍ସିତ ହେଉଥିଲେ ତେବେ ସ୍ୱର୍ଗତ ନରେନ୍ଦ୍ର କହଁର ଜଣେ ଅମାୟିକ ବ୍ୟକ୍ତି ହୋଇଥିବା ବେଳେ ସେ ଜଣେ ଆଦର୍ଶ ଶିକ୍ଷକ ମଧ୍ୟ ଥିଲେ ଏହାସହ ସେ ଅଂଚଳର ବିଭିନ୍ନ ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନ ମାନଙ୍କ ସହ ଜଡିତ ଥିବା ବେଳେ ଜଣେ ଉତ୍ତମ ମଞ୍ଚ ଅଭିନେତା ଭାବରେ ସାରା କନ୍ଧମାଳ ଜିଲ୍ଲାରେ ଏକ ସ୍ୱତନ୍ତ୍ର ପରିଚୟ ପାଇପାରିଥିଲେ ସେ ଫିରିଙ୍ଗିଆ। ଦଣ୍ଡ ର ଅଧିକାରୀ ଭାବରେ ଦୀର୍ଘ ବର୍ଷଯାଏ କାର୍ଯ୍ୟକରି ଆସୁଥିଲେ ତାଙ୍କର ହଠାତ ଦେହାନ୍ତ ଖବର ପ୍ରଚରିତ ହେବାପରେ ସାରା ଫିରିଙ୍ଗିଆ। ଅଂଚଳରେ ଶୋକର ଛାୟା ଖେଳିଯାଇଥିବା ବେଳେ ତାଙ୍କର ଶେଷ ଦର୍ଶନ କରିବା ପାଇଁ ଅଂଚଳର ଶତାଧିକ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା ସେପଟେ ତାଙ୍କ ନିଜ ଘର ଫିରିଙ୍ଗିଆ। ର ନାହାଣାଗାଁ ମସାଣି ରେ ତାଙ୍କର ଶେଷ କୃତ୍ୟ ସମ୍ପର୍ଣ୍ଣ ହୋଇଥିବା ବେଳେ ଫିରିଙ୍ଗିଆ। ର ସରପଞ୍ଚ ଜଳନ୍ଧର କହଁର, ପୂର୍ବତନ ସରପଞ୍ଚ ବିଶ୍ରଞ୍ଜନ କହଁର, ଦଣ୍ଡ କମିଟି ସଭାପତି ଜୟ ପାଣିଗ୍ରାହୀ, ବରିଷ୍ଠ ଶିକ୍ଷକ ବିଶ୍ୱବନ୍ଧୁ କହଁର, ସାମ୍ବାଦିକ ସୁବ୍ରତ ମହାନ୍ତି, ର୍ଡ ସଭ୍ୟ ରାଜକିଶୋର ପ୍ରଧାନ, ପଲ୍ଲିଶ୍ରୀ କଳାକାର ସଂଘର ବହୁ ଯୁବ କଳାକାର, ଦଣ୍ଡ କମିଟି ର ବହୁ ସଦଶ୍ୟ, ନାହଣା ଓ ଘାଟିସାହି ର ବହୁ ଗ୍ରାମବାସୀ ଙ୍କ ସହ ଅଂଚଳର ବହୁ ଗଣ୍ୟମାନ୍ୟ ବ୍ୟକ୍ତି ବିଶେଷ ଶିକ୍ଷକ ଓ ତାଙ୍କର ବହୁ ଆତ୍ମୀୟ ସଜନ ଅନ୍ତିମ ସାଂସ୍କାର ପାଇଁ ମସାଣି ରେ ଉପସ୍ଥିତ ଥିଲେ ସ୍ୱର୍ଗତ ନରେନ୍ଦ୍ର କହଁର ଙ୍କ ବଡଭାଇ ପକନା କହଁର ମୁଖାଗ୍ନି ଦେଇଥିଲେ

ଏଆଇଟିୟୁସିର ପ୍ରତିଷ୍ଠା ଦିବସ ପାଳିତ

ଯୋଡ଼ା ୦୧/୧୧(ମହାଭାରତ) କେନ୍ଦୁଝର ଜିଲ୍ଲା ଯୋଡ଼ା /ଜୁରୁଡି ଠାରେ ସର୍ବ ପ୍ରଥମ ଶ୍ରମିକ ସଂଗଠନ ଅଖିଳ ଭାରତ ଟ୍ରେଡ୍ ୟୁନିୟନ କଂଗ୍ରେସ (ଏଆଇଟିୟୁସି) ୧୯୨୦ ମସିହାରେ ପ୍ରତିଷ୍ଠା ହେଇ ଦେଶର କୋଟି କୋଟି ଶ୍ରମିକ ମାନଂକର ସ୍ୱାର୍ଥ ପାଇଁ ଲଢେଇ ଜାରି ରଖି ଆସିଛି ଆଜି ଅକ୍ଟୋବର ୨୯ , ୧୦୫ ତମ ପ୍ରତିଷ୍ଠ ଦିବସକୁ ସମଗ୍ର ଦେଶରେ ଶ୍ରମିକ ମାନେ ଜାକ ଜକମରେ ପାଳନ କରୁଛନ୍ତି ଏହି ପରୀପ୍ରେକ୍ଷୀରେ କେନ୍ଦୁଝର ଜିଲ୍ଲାର ଜୁରୁଡି ଠାରେ ଶହ ଶହ ଶ୍ରମିକ ଏକାଠି ହୋଇ ଏହି ଉତ୍ସବ ପାଳନ କରିଛନ୍ତି କେଉଁଝର ମାଇନ୍ସ ଏଣ୍ଡ ଫକେଷ୍ଟ ୱାର୍କର୍ସ ୟୁନିୟନ ତରଫରୁ ଜିଲିଂ କାର୍ଯ୍ୟାଳୟ ଠାରେ ଜିଲ୍ଲା ସାଧାରଣ ସଂପାଦକ ଓ ଏଆଇଟିୟୁସିର ରାଜ୍ୟ କାର୍ଯ୍ୟକାରୀ ସଭାପତି ସାଥୀ ମହେଶ୍ୱର ରାଉତ ପତାକା ଉତ୍ତୋଳନ କରିଥିଲେ ପରେ ଏଠାରେ ଅନୁଷ୍ଠିତ ଏକ ସମାବେଶରେ ଶ୍ରମିକ ମାନଂକୁ ସମ୍ବେଧନ କରି କେନ୍ଦ୍ର ଓ ରାଜ୍ୟ ସରକାରଂକ ଶ୍ରମିକ ବିରୋଧି ନୀତି, ଶ୍ରମ ଆଇନକୁ କଂପାନୀ ସପକ୍ଷରେ ଲାଗୁ କରିବା, ଅହେତୁକ ଦର ବୃଦ୍ଧି, ସରକାରୀ ଶିଳ୍ପର ଘରୋଇକରଣ , ଦୈନିକ ଆଠ ଘଣ୍ଟା ବଦଳରେ ୧୨ ଘଣ୍ଟା କାର୍ଯ୍ୟ ସମୟ ନିର୍ଦ୍ଧାରଣ ବିରୁଦ୍ଧରେ ନିଜର ବକ୍ତବ୍ୟ ରଖି ସରକାରଂକୁ ସମାଲୋଚନା କରିଥିଲେ ।

ଅନ୍ୟ ମାନଂକ ମଧ୍ୟରେ କେଏମ୍ଏଫ୍ଟୁ ୟୁନିୟର ଉପ ସଭାପତି ସାଥୀ କାହ୍ନୁ ଚରଣ ସାମଲ,ରାଜାରାମ ମୁଣ୍ଡା, ବଦ୍ରୁ ଜାମା, ପ୍ରମୋଦ ଶୁକ୍ଲା, ପରମ ପାତ୍ର, ଗୋବିନ୍ଦ ସାସ୍ମଲ ଓ ଅନ୍ୟ ଶ୍ରମିକ ନେତା ମାନେ ନିଜ ନିଜର ବକ୍ତବ୍ୟ ରଖିବା ସହ ଏଆଇଟିୟୁସିର ସଂଗ୍ରାମ ଇତିହାସ ବିଷୟରେ ଆଲୋଚନା କରିଥିଲେ

ଜିଏମଆର ପରିସରରେ ଭରଲକ୍ଷ୍ମୀ ଦ୍ୱାରା ଦାନ ଉତ୍ସବ

ହିନ୍ଦୋଳ(ମହାଭାରତ)ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ନିର୍ବାଚନ ମଣ୍ଡଳି ଅନ୍ତର୍ଗତ ଜିଏମଆର କମଳାଙ୍ଗ ଏନର୍ଜି ଲିମିଟେଡ ର ଭରଲକ୍ଷ୍ମୀ ଫାଉଣ୍ଡେସନ୍ ଆନୁକୁଲ୍ୟରେ ସ୍ଥାନିୟ କମୁନିଟ ହଲ ପରିସର ରେ ଆଞ୍ଚଳିକ ଜନସାଧାରଣଙ୍କୁ ନେଇ ଦାନ ଉତ୍ସବ ଏକ ବର୍ଣ୍ଣାଢ୍ୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି ଜିଏମଆର ର ମୁଖ୍ୟ ପରିଚାଳକ ମନୋଜ ମିଶ୍ରାଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥିଭାବେ ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ ଉକ୍ତ କାର୍ଯ୍ୟକ୍ରମରେ ସମାଜସେବୀ ଭକ୍ତବନ୍ଧୁ ବେହେରା, କମଳାଙ୍ଗ ସରପଞ୍ଚ ଜିତେନ୍ଦ୍ର ବେହେରା , ମଙ୍ଗଳପୁର ସରପଞ୍ଚ କାନନବାଳା ରାଉତ ପ୍ରମୁଖ ମଞ୍ଚାସିନ ଥିବା ସମୟରେ ଭରଲକ୍ଷ୍ମୀ ଫାଉଣ୍ଡେସନର ସ୍ଥାନିୟ ଜନସାଧାରଣଙ୍କର ପାରିପାର୍ଶିକ ଉନ୍ନୟନ ଭଳି ସହାୟତା ପ୍ରଦାନ ବ୍ୟବସ୍ଥା ବିକାଶ ରଥକୁ ଆଗେଇ ନେବାରେ ସହାୟକ ହେଉଥିବା ସମୟରେ ସ୍ଥାନିୟ ଜନସାଧାରଣ ହିତକୁ ସର୍ବଦା ଗୁରୁ ଦେବାକୁ ଅତିଥିବୃନ୍ଦ ପରାମର୍ଶ ପ୍ରଦାନ କରିଥିଲେ ଏବଂ ପବିତ୍ର ଶୁଭ ଦୀପାବଳି ସମସ୍ତଙ୍କ ଜୀବନରେ ଶାନ୍ତି ମୈତ୍ରୀ ଆନନ୍ଦର ଆଲୋକ ପ୍ରଦାନ କରୁ ବୋଲି ମୁଖ୍ୟଅତିଥି ମତବ୍ୟକ୍ତ କରିଥିଲେ ପ୍ରାରମ୍ଭରେ ସରସ୍ତୀ ବିଦ୍ୟାମନ୍ଦିର ଛାତ୍ରୀମାନେ ସ୍ୱାଗତ ସଂଗୀତ ଗାନ କରିଥିଲେ ଏହି ଅବସର ରେ ଫାଉଣ୍ଡେସନ ପକ୍ଷରୁ ସ୍ଥାନିୟ ଅଂଚଳର ବହୁ ଜନସାଧାରଣଙ୍କୁ ଶାଢୀ , ପ୍ରେସରକୁକର, କମ୍ବଳ ଓ ସିଲେଇମେସିନ ପ୍ରଭୃତି ପ୍ରଦାନ କରାଯାଇଥିଲା ଜିଏମଆର ର ସହକାରି ପରିଚାଳକ ରଘୁନାଥ ପି , ଭି.ପି ସୁଶିଲ ଚୌଧୁରି , ଶାନ୍ତନୁ ଶ୍ରୀବାସ୍ତବ ,ସିଏସଆର ହେଡ ଡିଲିପ କର , ଏଜିଏମ କେଶବ ଜେନା , ଦିଲ୍ଲିପ ସେଠି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ଉକ୍ତ କାର୍ଯ୍ୟକ୍ରମରେ ବିଜେପି ଜିଲ୍ଲା ଉପସଭାନେତ୍ରୀ ଇତିଶ୍ରୀ ସାହୁ , ଜିଲ୍ଲା ସଂପାଦକ ସୁଶାନ୍ତ ପତି , ଜିଲ୍ଲା କୃଷକ ମୋର୍ଚ୍ଚ ସଭାପତି ସହଦେବ ପୃଷ୍ଟି , ଓବିସି ମୋର୍ଚ୍ଚ ସଭାପତି ପ୍ରଶାନ୍ତ ପ୍ରଧାନ , ହିନ୍ଦୋଳ ବ୍ଲକ ଉପାଧ୍ୟକ୍ଷ ବରୁଣ ସର , ବିଜେପି ନେତା ବିପ୍ରବର ବେହେରା , ଦେବାନନ୍ଦ ବେହେରା , ସ୍ୱୟଂଜନ ମିଶ୍ର , ସୁଜିତ ପ୍ରଧାନ , ସନ୍ତୋଷ ସାହୁ , ମଞ୍ଜୁଲତା ସାହୁ , ଗୋଲାପ ସାହୁ , ଜୋତିପ୍ରକାଶ ରାଉତ , ରାଜକିଶୋର ସାହୁ , ବିଷ୍ଣୁ ସାହୁ , ସୁଜନ ନାଏକ , ଶରତ ରାଉତ , ବାସୁଦେବ ରାଉତ , ସୁଶାନ୍ତ ସ୍ୱାଇଁ , ଯଶୋବନ୍ତ ରଣଜିତ ରାୟ , ସୁଜିତ ବାରିକ ,ଅଜୟ ନାୟକ,ଶିବଶକ୍ତି ମହାନ୍ତି , ଅଶୋକ ରାଉତ ପ୍ରମୁଖ କାର୍ଯ୍ୟକମରେ ଅଂଶଗ୍ରହଣ କରିଥିଲେ

କୋରମ ଅଭାବ ସତ୍ତ୍ୱେ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ

ହିଞ୍ଜିଳିକାଟୁ,୧।୧୧(ମହାଭାରତ): ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ପଞ୍ଚାୟତ ସମିତି ପକ୍ଷରୁ ସାଧାରଣ ବୈଠକ ଅନୁଷ୍ଠିତ ହୋଇଛି ହିଞ୍ଜିଳିକାଟୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିବ୍ୟଜ୍ୟୋତି ସ୍ମୃତି ରଞ୍ଜନ ଦେଓଙ୍କ ସଂଯୋଜନାରେ ସମିତି ସଭାକକ୍ଷ ପରିସରରେ ଆୟୋଜିତ ବୈଠକରେ ଅଧ୍ୟକ୍ଷା ସରସ୍ୱତୀ ସେଠୀ ସଭାପତିତ୍ୱ କରିଥିଲେ ସମ୍ମାନିତ ଅତିଥି ଭାବେ ହିଞ୍ଜିଳି ବିଧାୟକଙ୍କ ମନୋନୀତ ପ୍ରତିନିଧି ଦେବାନନ୍ଦ ମହାପାତ୍ର, ତହସିଲଦାର ଭିକାରୀ ସାହୁ ଓ ଉପାଧ୍ୟକ୍ଷ ସୁନୀଲ ଗନ୍ତାୟତ ପ୍ରମୁଖ ମଞ୍ଚସିନ ଥିଲେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅରୁଣ କୁମାର ପ୍ରଧାନ ସ୍ୱାଗତ ସମ୍ଭାଷଣ ପରେ ଗ୍ରାମ ପଞ୍ଚାୟତ ଅଧିକାରୀ ପୂର୍ବ ବୈଠକର ବିବରଣୀ ପ୍ରଦାନ କରିଥିଲେ ବ୍ଲକ ପ୍ରଶାସନ ତରଫରୁ ଜନ ପ୍ରତିନିଧି ମାନଙ୍କୁ ପୂର୍ବ ସୂଚନା ଓ ନିର୍ଘଣ୍ଟ ଅନୁସାରେ ବୈଠକରେ ଉପସ୍ଥିତ ରହିବା ପାଇଁ ପତ୍ର ପ୍ରେରଣ କରା ଯାଇଥିଲା।

କିନ୍ତୁ ୪୧ ଜଣ ଜନ ପ୍ରତିନିଧିଙ୍କ ମଧ୍ୟରୁ ବ୍ଲକ ଅଧ୍

ମହାଭାରତ
ଅଞ୍ଚଳ କଥା
ଆପଣା ମାଟିର କଥା ଓ ବ୍ୟଥା

ଶନିବାର ୦୨ ନଭେମ୍ବର ୨୦୨୪

ବରିଷ୍ଠ ଆଇନଜୀବୀ ତପନ ଦାଶ ରାଜ୍ୟ ଉଚ୍ଚ ନ୍ୟାୟାଳୟ ର ଅଡିସନାଲ ଗଭର୍ଣ୍ଣମେଣ୍ଟ ଅ।ଡ଼ଭୋକେଟ ଭାବେ ମନୋନୀତ

ପାରାଦୀପ - ପାରାଦୀପ ବାର ଅ।ସୋସିଏସନ ର ସାଧାରଣ ସମ୍ପାଦକ ତଥା ବରିଷ୍ଠ ଅ।ଇନଜୀବୀ ତପନ କୁମାର ଦାଶ ରାଜ୍ୟ ସରକାରଙ୍କ ଅ।ଇନ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ରେ ରାଜ୍ୟ ଉଚ୍ଚ ନ୍ୟାୟାଳୟ ର ଅ।ଡିସନାଲ ଗଭର୍ଣ୍ଣମେଣ୍ଟ ଅ।ଡ଼ଭୋକେଟ (ଏଜିଏ) ଭାବେ ମନୋନୀତ ହୋଇଛନ୍ତି ସୂଚନାଥାଉକି ଶ୍ରୀ ଦାଶ ଜଣେ ଅଭିଜ୍ଞ ଅ।ଇନଜୀବୀ ଏବଂ ତାଙ୍କ ଉଦ୍ୟମରେ ପାରାଦୀପ ରେ ବାର ଅ।ସୋସିଏସନ ଗଠନ ହୋଇପାରିଛି ଏତଦବ୍ୟତୀତ ପାରାଦୀପ ରେ କୋର୍ଟ ପ୍ରତିଷ୍ଠା ପାଇଁ ଶ୍ରୀ ଦାଶ ଙ୍କ ଉଦ୍ୟମ ବେସ ପ୍ରଶଂସନୀୟ ତେବେ ତାଙ୍କର ନୂତନ ଦାୟିତ୍ୱ ଘୋଷଣା ପରେ ପାରାଦୀପ ସମେତ ଜଗତସିଂହପୁର ଜିଲ୍ଲାରେ ଅ।ନନ୍ଦ ପ୍ରକାଶ ପାଇବା ସଙ୍ଗେ ସଙ୍ଗେ ଅଭିନନ୍ଦନ ଓ ଶୁଭେଚ୍ଛା ର ବାର୍ତ୍ତା ଛୁଟିବାରେ ଲାଗିଛି ଏହି ପରିପ୍ରେକ୍ଷୀରେ ପାରାଦୀପ ବାର ଅ।ସୋସିଏସନ ର ସଭାପତି ହେମନ୍ତ କୁମାର ସାହୁ , କୁଜଙ୍ଗ ବାର ଅ।ସୋସିଏସନ ର ସଭାପତି ସୁଶାନ୍ତ କୁମାର ପଟ୍ଟନାୟକ, ପାରାଦୀପ ପୌରାଧ୍ୟକ୍ଷ ତଥା ପାରାଦୀପ ବାର ଅ।ସୋସିଏସନ ର ଉପସଭାପତି ବସନ୍ତ ବିଶ୍।ଳ,ସଂଗଠନ ସମ୍ପାଦକ ରବୀନ୍ଦ୍ର କୁମାର ଜେନା,ଉପସଭାପତି କୈଳାଶ ଚନ୍ଦ୍ର ସାହୁ,ଅ।ଇନଜୀବି ସଞ୍ଜୟ ମିଶ୍ର, କାର୍ଯ୍ୟରତ ସାମ୍ବାଦିକ ଶୁକଦେବ ଜେନା, ଶଶାଙ୍କ ଅ।ଚାର୍ଯ୍ୟ, ରାକେଶ ପଟ୍ଟନାୟକ, ସୁଧାଂଶୁ ନାୟକ, ପ୍ରଭାକର ସାହୁ, ସନ୍ତୋଷ ଭାରତୀ, ଦୀପକ ଦାସ ପ୍ରମୁଖଙ୍କ ସମେତ ବହୁ ଅ।ଇନଜୀବୀ ଓ ବୁଦ୍ଧିଜୀବୀ ମାନେ ଶ୍ରୀ ଦାଶ ଙ୍କୁ ଅଭିନନ୍ଦନ ସହ ଶୁଭେଚ୍ଛା ଜଣାଇଛନ୍ତି।ସୂଚନାଥାଉକି ଅ।ଇନଜୀବୀ ତପନ କୁମାର ଦାଶ ପଙ୍କପାଳ ଗ୍ରାମର ସ୍ୱର୍ଗତ ନିଶାକର ଦାଶ ଙ୍କ ଜ୍ୟେଷ୍ଠ ପୁତ୍ର।

ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଦୀପାବଳୀ ପାଳିତ

ଉଦଳା, ୧।୧୧(ମହାଭାରତ): ଅ।ଲୋକର ପର୍ବ ଦୀପାବଳୀ ଉପଜିଲ୍ଲାପାଳ କପ୍ତିପଦା, ଉଦଳାଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣରେ ପାଳିତ ହୋଇଯାଇଛି ସରକାରୀ ନିୟମ ଅନୁପାଳନ ପୂର୍ବକ କୌଣସି ବାଣ ନଫୁଟାଇ କେବଳ କ୍ୟାଣ୍ଡେଲ, ଝରାବତୀ, ଚକ୍ରିଏବଂ କୁମ୍ଭୀ ଅ।ଦି ଜଳାଇବା ସହିତ ଏକ ରଙ୍ଗୀନ ବେଲୁନ ଉଡାଣ କାର୍ଯ୍ୟକ୍ରମ ମାଧ୍ୟମରେ ଉକ୍ତ ଉତ୍ସବକୁ ଉପଜିଲ୍ଲାପାଳ କାର୍ଯ୍ୟାଳୟର ଉପସ୍ଥିତ କର୍ମଚାରୀ ମାନେ ପାଳନ କରିଥିଲେ ଉକ୍ତ କାର୍ଯ୍ୟକ୍ରମରେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସରୋଜ କୁମାର ପ୍ରଧାନ, ଉପଜିଲ୍ଲାପାଳ କାର୍ଯ୍ୟାଳୟକର୍ମଚାରୀ ରାଉତ ରାୟ ମୁର୍ମୁ, ସ୍ୱୟ ପ୍ରକାଶ ପାତ୍ର, ଅନୁଭବ ରାଉତ, ତପୁରଞ୍ଜନ ପାତ୍ର, ଇଭାନ ଦଲେଇ ଓ ଉପେନ୍ଦ୍ର ସେଠୀ ପ୍ରମୁଖ ଯୋଗଦେଇଥିବା ବେଳେ ସର୍ବଶେଷରେ ବରିଷ୍ଠ ସାମ୍ବାଦିକ ସନ୍ତୋଷ ବାଛିନୀ ଯୋଗଦେଇଥିଲେ ।

ନାରାୟଣପାଟଣା ବ୍ଲକରେ ଦୁର୍ନୀତି ନିବାରଣ କାର୍ଯ୍ୟକ୍ରମ

କୋରାପୁଟ ଜିଲ୍ଲା ନାରାୟଣପଟଣା ବ୍ଲକ ପୋଡ଼ପଦର ପଞ୍ଚାୟତ ର ସଭା ଗୃହ ରେ କୋରାପୁଟ ଖଣ୍ଡ ଜୟପୁର ଭିଜିଲାନ୍ସ ଙ୍କ ଦ୍ୱାରା ଏକ ସଚେତନତା ସପ୍ତାହକୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି ପୋଡ଼ପଦର ପଞ୍ଚାୟତ କାର୍ଯ୍ୟ ନିର୍ବହୀ ଅଧିକାରୀ ଶ୍ରୀଯୁକ୍ତ ବୁଦ୍ଧଦେବ ତୁରୁକ ଅଧ୍ୟକ୍ଷତାରେ ଅ।ୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଭିଜିଲାନସ ଶବ ଇନିସ୍ପେକ୍ଟର ସଂଜୀବ ପ୍ରଧାନ ମୁଖ୍ୟ ଅତିଥି ରୁପେ ଯୋଗ ଦେଇଥିବା ବେଳେ ଭିଜିଲାନସ ଏ ଏସ ଅ।ଇ ଦିଲୀପ ଭୂଇଁଅ।ଁ କାର୍ଯ୍ୟକ୍ରମରେ ଯୋଗଦେଇ ସ୍ୱୟ ନିଷ୍ଠ ସଂସ୍କୃତି ହିଁ ରାଷ୍ଟ୍ର ସମୃଦ୍ଧି ର ଭିତ୍ତି ହୋଇପାରିବ ଏହାଶହ ବିଭିନ୍ନ ପ୍ରକାର ଦୁର୍ନୀତି ଏବଂ ଏହା ଦେଶ ପାଇଁ କିପରି କ୍ଷତି କାରକ ସେନେଇ ନିଜର ମତ ପ୍ରକାଶ କରିଥିଲେ ବିଶେଷ କରି ଦୁର୍ନୀତିକୁ ରୋକିବା ଦିଗରେ ସାଧାରଣ ନାଗରିକର କର୍ତ୍ତବ୍ୟ କଣ ଅ।ଦି ସମ୍ପର୍କରେ ଉପସ୍ଥିଷ୍ଟ ଥିବା ବିଭିନ୍ନ ବର୍ଗ ର ଲୋକମାନଙ୍କୁ ସଚେତନ କରିଥିଲେ ସଂଜୀବ ପ୍ରଧାନ ସମସ୍ତଙ୍କୁ ଦୁର୍ନୀତି ବିରୋଧରେ ଶପଥ ପାଠ କରାଇଥିଲେ ସୂଚନା ଯୋଗ୍ୟ ଯେ, ଦେଶରେ ଅକଟୋବର ୨୮ ରୁ ନଭେମ୍ବର ୩ ଯାଏଁ ଭିଜିଲାନ୍ସ ସଚେତନତା ସପ୍ତାହ ପାଳନ କରାଯାଏ ଏହି କାର୍ଯ୍ୟକ୍ରମ ରେ ପୋଡ଼ାପଦର ପଞ୍ଚାୟତ ସରପଞ୍ଚ ସା ମି ବାଡେକା, ନାୟ ସରପଞ୍ଚ ଦୟା ହବିକା,ସମିତି ସଭ୍ୟା ସନା ନାଚିକା, ଜି ଅ।ର ଏସ ଯୁଗଳ ଟାକରି, ସମେତ ବିଭିନ ବର୍ଗ ବୃନ୍ଦ ଏହି କର୍ମଶାଳାରେ ଉପସ୍ଥିତ ଥିଲେ ଏବଂ ବୁଧ ଦେବ ତୁରୁକ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଓ ସଭା ଶେଷରେ ଧନ୍ୟବାଦ ଜ୍ଞାପନ କରିଥିଲେ ଏହାପରେ ନାରାୟଣପଟଣା ବ୍ଲକ ରେ ୯ଗୋଟି ପଞ୍ଚାୟତ ରେ ସମସ୍ତ ଜନସାଧାରଣ ଗୋଚର ନିମନ୍ତେ ଏହିପରି ସଚେତନ କାର୍ଯ୍ୟକ୍ରମ ଅ।ଗାମୀ ଦିନରେ ହେବ ବୋଲି ଭିଜିଲାନସ ଶବ ଇନିସ୍ପେକ୍ଟର ସଂଜୀବ ପ୍ରଧାନ କହିଛନ୍ତି

କେଦାରନାଥରେ ବାବାଙ୍କ ପୂଜାର୍ଚ୍ଚନା କଲେ ଧାମି

ଡେରାଡୁନ, ୧।୧୧(ମହାଭାରତ): ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହଧାମୀ ଶୁକ୍ରବାର ସକାଳେ କେଦାରନାଥ ଧାମରେ ପହଂଚିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗରୁ ଏକ ବାବା କେଦାରଙ୍କ ପୂଜାର୍ଚ୍ଚନା କରି ରାଜ୍ୟବାସୀଙ୍କ ସୁଖସମୃଦ୍ଧି ଓ ଖୁସି କାମନା କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଧାମୀ ସାରା ଦେଶରୁ ବହୁସଂଖ୍ୟାରେ ଆସିଥିବା ଶ୍ରଦ୍ଧାଳୁ, ସ୍ଥାନୀୟ ଦୋକାନୀ ଓ ପୁରୋହିତଗଣଙ୍କ ସହ ଆଲୋଚନା କରି ବ୍ୟବସ୍ଥା ସଂପର୍କରେ ଫିଡବ୍ୟାକ ବି ନେଇଥିଲେ । ଏହି ଅବସରରେ ବଦ୍ରି-କେଦାର ମନ୍ଦିର କମିଟିର ଅଧ୍ୟକ୍ଷ ଅଜେନ୍ଦ୍ର ବି ଉପସ୍ଥିତ ଥିଲେ । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସୁଗମ, ସୁରକ୍ଷିତ ଓ ସୁବ୍ୟବସ୍ଥିତ ଚାରିଧାମ ଯାତ୍ରା ଆମ ସରକାରର ସର୍ବୋଚ୍ଚ ପ୍ରାଥମିକତା ଅଟେ ।

ପାରାଦୀପ ବନ୍ଦର ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ ପାଳିତ

ପାରାଦୀପ - ପ୍ରତିବର୍ଷ ଅକ୍ଟୋବର ୩୧ ତାରିଖରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଙ୍କ ଜନ୍ମ ବାର୍ଷିକୀ କୁ ସାରା ଦେଶରେ ରାଷ୍ଟ୍ରୀୟ ଏକତା ଦିବସ ଭାବେ ପାଳନ କରାଯାଇଥାଏ ଚଳିତ ବର୍ଷ ସର୍ଦ୍ଦାର ପଟେଲ ଙ୍କ ୧୪୮ତମ ଜନ୍ମ ବାର୍ଷିକୀ ଅବସରରେ ପାରାଦୀପ ବନ୍ଦର ପ୍ରାଧିକରଣ (ପିପିଏ) ପକ୍ଷରୁ ଗୁରୁବାର ଦିନ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଙ୍କ ଫୋଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ଅନ୍ୟମାନଙ୍କ ମଧ୍ୟରେ ବନ୍ଦର ଉପାଧ୍ୟକ୍ଷ ନୀଳାଭ୍ର ଦାସଗୁପ୍ତା ଙ୍କ ସମେତ ବରିଷ୍ଠ ଅଧିକାରୀ ମାନେ ପୁଷ୍ପମାଲ୍ୟ ପ୍ରଦାନ କରି ସର୍ଦ୍ଦାର ପଟେଲ ଙ୍କ ସ୍ମୃତିଚାରଣ କରିଥିଲେ। ଏହା ପରେ ପାରାଦୀପ ବନ୍ଦରାଧ୍ୟକ୍ଷ ଓ ଅଧିକାରୀ ମାନେ ବିଡ଼ିଓ କନଫରେନସିଙ୍ଗ ମାଧ୍ୟମରେ କେନ୍ଦ୍ର ବନ୍ଦର,ଜାହାଜ ଏବଂ ଜଳପଥ ମନ୍ତ୍ରାଳୟ ମନ୍ତ୍ରୀ ସର୍ବାନନ୍ଦ ସୋନୋଲ ଙ୍କ ରାଷ୍ଟ୍ରିୟ ଏକତା ଦିବସ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

କେନ୍ଦ୍ରାପଡାର ପୂର୍ବତନ ବିଧାୟକ ଉତ୍କଳ କେଶରୀ ପରିଡାଙ୍କ ଦ୍ୱାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି ସଭା

କେନ୍ଦ୍ରାପଡ଼ା, ୧।୧୧: ବୁଧବାର କେନ୍ଦ୍ରାପଡାର ପୂର୍ବତନ ବିଧାୟକ ତଥା ଯୁବ ମାନସର ପ୍ରତୀକ ଦିବଂଗତ ଉତ୍କଳ କେଶରୀ ପରିଡା(ଟୁଲୁ)ଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ଚାନ୍ଦୋଳ କଲେଜ ଛକ ନିକଟସ୍ଥ ମାତୃବାଟିକାଠାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁରେନ୍ଦ୍ରନାଥ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । ସର୍ବପ୍ରଥମେ ସଭାରେ ଅଧ୍ୟକ୍ଷତା କରୁଥିବା ଶ୍ରୀ ଆଚାର୍ଯ୍ୟ ଟୁଲୁ ବାବୁଙ୍କ ପରିବାର ଓ ଉପସ୍ଥିତ ବ୍ୟକ୍ତିଙ୍କ ଦ୍ୱାରା ଶ୍ରଦ୍ଧାସୁମନ ଅର୍ପଣ ପୂର୍ବକ ଏକ ପ୍ରଦୀପ ପ୍ରଜ୍ୱଳନ କରାଯାଇ ବାଲିଆ ଦୟାନନ୍ଦ ସେବାଶ୍ରର ପରିଚାଳକ ମଦନ ମୋହନ ଆର୍ଯ୍ୟଙ୍କ ଦ୍ୱାରା ବେଦପାଠ କରାଯାଇଥିଲା । ପ୍ରକାଶ ପରିଡା, ହେମନ୍ତ କୁମାର ଜେନା, ଈଶ୍ୱର ଚନ୍ଦ୍ର ପୃଷ୍ଟି ସଭା ସଞ୍ଚାଳନ କରିଥିଲେ । ସଭା ପ୍ରାରମ୍ଭରେ କେନ୍ଦ୍ରାପଡାର ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଅମ୍ବିକା ପ୍ରସାଦ ପରିଡା ଟୁଲୁବାବୁଙ୍କ ଦୀର୍ଘ ୪୦ବର୍ଷର ରାଜନୈତିକ ଜୀବନର ଉତ୍ଥାନ ପତନ ଓ ସଂଘର୍ଷମୟ ଜୀବନ ବାବଦରେ ବ୍ୟାଖ୍ୟା କରିଥିଲେ । ତାହା ଟୁଲୁବାବୁଙ୍କ ସ୍ମୃତିରେ ଏକ ସ୍ମରଣିକା ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ନେତା ବିଜୟ ମହାପାତ୍ରଙ୍କ କରକମଳରେ ଲୋକାର୍ପିତ ହୋଇଥିଲା । ଏଥିରେ ରାଜନଗରର ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ବରୀ ଡେରାବିଶର ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହେରା, ଭୁବନେଶ୍ୱର ଜନ ଅଧିକାର ପରିଷଦ ଅଧ୍ୟକ୍ଷ ବିଜୟ ପରିଡା, ପଟ୍ଟାମୁଣ୍ଡାଇର ପୂର୍ବତନ ବିଧାୟକ ତଥା ସିପିଆଇ(ଏମ୍) ନେତା ରାଧାକାନ୍ତ ସେଠୀ, ରବି ସାମଲ, ଅବନ୍ତୀ ବେହେରା, ଅଜୟ ରାଉତ, ଭୁବନ ମୋହନ ଜେନା, ଅମ୍ବିକା ପରିଡା, ରାଜେଶ ଦାସ, ଗୀତାଞ୍ଜଳୀ ସେଠୀ, ରାଜେଶ ପଣ୍ଡା, ମାନସ ସାମଲ, ଜିତେନ୍ଦ୍ରନାଥ ପାଗଳ, ସରୋଜକାନ୍ତ ସାହୁ, କାଶୀନାଥ ରାଉତ, ତରୁଣ କୁମାର ବାରିକ, କଳିଙ୍ଗ କେଶରୀ ପରିଡା, ପ୍ରଭାତ କେଶରୀ ପରିଡା, ଗୌତମ ପରିଡା, ଶିବାନୀ ଦାସ, ସୁଶାନ୍ତ ପରିଡା, ପ୍ରଭାତୀ ମଳିକ ପ୍ରମୁଖ ଯୋଗ ଦେଇଥିଲେ । କେନ୍ଦ୍ରାପଡାର ପୂର୍ବତନ ବିଧାୟକ ତଥା ଦିବଂଗତ ଉତ୍କଳ କେଶରୀ ପରିଡା ଛାତ୍ର ଜୀବନରୁ ଜଣେ ସାହାସୀ, ନିର୍ଭିକ ମାନସିକତା, ଆତ୍ମବିଶ୍ୱାସରେ ପୂର୍ଣ୍ଣ ଓ ସ୍ପଷ୍ଟବାଦୀ ଛାତ୍ରନେତା ବୋଲି ଉପସ୍ଥିତ ନେତୃବୃନ୍ଦ କହିବେ ବେଳେ ତାଙ୍କର ଜୀବନବଳୀ ଉପରେ ଆଲୋକପାତ କରିଥିଲେ । ୧୯୮୦ ଦଶକରେ ସେ ସାଲେପୁର କଲେଜରେ ସଭାପତି ଥିବା ବେଳେ ଆର୍‌ଡିସି ଅଫିସ ଉପରେ କଳାପତକା ଲଗାଇ ସେତେବେଳର ଦୁର୍ବାର ଛାତ୍ର ଆନ୍ଦୋଳନର ନେତୃତ୍ୱ ନେଇଥିଲେ ଏବଂ ପରବର୍ତ୍ତୀ ଅବସ୍ଥାରେ କେନ୍ଦ୍ରାପଡା ନିର୍ବାଚନ ମଣ୍ଡଳୀର ବିଧାୟକ ଥିବା ବେଳେ ସେ କରିଥିବା ଉଲ୍ଲେଖନୀୟ କାର୍ଯ୍ୟ ବିଷୟରେ ଦୃଷ୍ଟି ଆକର୍ଷଣ କରିଥିଲେ । ପରେ ସେ ଓଡିଶା ଗଣ ପରିଷଦ ଓ ନ୍ୟାସ୍‌ନାଲିଷ୍ଟ କଂଗ୍ରେସ ପାର୍ଟି ଓ ବିଜୁ ଜନତା ଦଳର କେନ୍ଦ୍ରାପଡା ଜିଲ୍ଲା ସଭାପତି ଓ ସର୍ବୋପରି ଏନ୍‌ସିପିର ରାଜ୍ୟ ସଭାପତି ଭାବେ କରିଥିବା କାର୍ଯ୍ୟ ବିଷୟରେ ନେତୃମଣ୍ଡଳୀ ସଭାରେ ଆଲୋଚନା କରିଥିଲେ । ଏହି ସ୍ମୃତିଚାରଣ ସଭାରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ଅମର ଶତପଥୀ, ପ୍ରତାପ ଜେନା, ଆଳି ବିଧାୟକ ପ୍ରତାପ ଦେବ, କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ରାଜନଗର ବିଧାୟକ ଧ୍ରୁବ ସାହୁ, ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ, ଚନ୍ଦ୍ରଶେଖର ଦାସ ପ୍ରମୁଖ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କାର୍ତ୍ତିକ ନାୟକ, ନଳିନୀକାନ୍ତ ସ୍ୱାଇଁ, ପ୍ରଦୀପ ଜେନା, ପ୍ରଶାନ୍ତ ଦାସ, ଅବନୀ ଜେନା, ରଞ୍ଜନ ସାହୁ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ଜ୍ୱାଇଁ ତରୁଣ ବାରିକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ

ହାତୀ ଆକ୍ରମଣରେ ମୃତ୍ୟୁ ବରଣ କରିଥିବା ପରିବାରକୁ ଭେଟିଲେ ଢେଙ୍କାନାଳ ସାଂସଦ

ଅନୁଗୁଳ, ୧।୧୧(ମହାଭାରତ): କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଙ୍କ ପରାମର୍ଶ କ୍ରମେ ଦୁର୍ଗମ ଅଂଚଳରେ ଦୁର୍ବିପାକ ମଧ୍ୟରେ ବସବାସ କରୁଥିବା ହାତୀ ଆକ୍ରମଣ ରେ ମୃତ୍ୟୁ ବରଣ କରିଥିବା ପରିବାର ବର୍ଗ ଙ୍କୁ ଦୀପାବଳି ଦିନ ଭେଟି ସମବେଦନା ଜଣାଇଛନ୍ତି ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଙ୍କ ପ୍ରତିନିଧି ଭାବେ ଢେଙ୍କାନାଳ ସାଂସଦ ଶ୍ରୀ ପାଣି ଅନୁଗୁଳ ଜିଲ୍ଲା ଅନୁଗୁଳ ବ୍ଲକ ଅ।ଠମଲ୍ଲିକ ବିଧାନସଭା କ୍ଷେତ୍ରର ପୁରୁଣାକୋଟ ପଂଚାୟତର ଛୋଟକେଇ ଗ୍ରାମରେ ପାଞ୍ଚ ଦିନ ପୂର୍ବେ ହାତୀ ଅ।କ୍ରମଣ ରେ ମୃତ୍ୟୁବରଣ କରିଥିବା ସତ୍ୟ ଧଳ (୫୫)ଙ୍କର ପରିବାର ବର୍ଗ ଙ୍କୁ ପ୍ରଶାସନିକ ବିଭାଗୀୟ ଅଧିକାରୀ ଓ ବିଜେପି ନେତୃତ୍ୱ ଙ୍କ ସହ ମିଶି ତାଙ୍କ ବାସ ଭବନ ରେ ପହଂଚି ସମବେଦନା ଜଣାଇଛନ୍ତି। ଧାନ କ୍ଷେତ ଜଗିବା ପାଇଁ ଗଛ ଉପରେ ମଞ୍ଚ ଉପରେ ଥିବାବେଳେ ହାତୀ ମଞ୍ଚରୁ ଟାଣି ଅ।ଣି ସତ୍ୟ ଧଳ ଙ୍କୁ ଦଳି ମାରି ଦେଇଥିଲା ।

ସାଂସଦ ଙ୍କ ସହ ବିଜେପି ଜିଲ୍ଲା ସଭାପତି ଦିଲେଶ୍ୱର ପ୍ରଧାନ ସାତକୋଶିଅ। ଡ଼ିଏଫଓ ସରୋଜ ପଣ୍ଡା, ପୁରୁଣାକୋଟ ଓ ପମ୍ପାସର ରେଞ୍ଜର ତଥା ବନବିଭାଗ ର ସମସ୍ତ ଅଧିକାରୀ ମୃତ ବ୍ୟକ୍ତି ଙ୍କ ଘରେ ପହଂଚି ଥିଲେ । ଢେଙ୍କାନାଳ ସାଂସଦ ଶ୍ରୀ ପାଣି ତାଙ୍କ ପରିବାର ଙ୍କୁ ବ୍ୟକ୍ତିଗତ ଭାବେ ଆର୍ଥିକ ସାହାର୍ଯ୍ୟ ସହ ବିଜେପି ପକ୍ଷରୁ ଲୁଗା ପଟା ଓ ରାସନ ସାମଗ୍ରୀ ପ୍ରଦାନ କରିଥିଲେ। ସରକାରଙ୍କ ତରଫରୁ ୬୦୦୦୦ ଟଙ୍କା ଦିଆ।ଯାଇଥିବା ବେଳେ ସରକାରଙ୍କ ପକ୍ଷରୁ ୫,୪୦୦୦୦ ଟଙ୍କା ଖୁବଶୀଘ୍ର ପ୍ରଦାନ କରାଯିବ ବୋଲି ବନବିଭାଗ ପକ୍ଷରୁ ଘୋଷଣା ପତ୍ର ସାଂସଦ ତାଙ୍କର ପୁତ୍ର ଶରତ ଧଳ ଙ୍କୁ ପ୍ରଦାନ କରିଥିଲେ । ମୃତ ବ୍ୟକ୍ତି ଙ୍କ ବିଧବା ପତ୍ନୀ ଙ୍କୁ ନିକଟସ୍ଥ ଇକୋ ଟୁରିଯିମ ସେଣ୍ଟର ରେ ଅନୁକମ୍ପା ମୂଳକ ନିଯୁକ୍ତି ଦିଆ।ଯିବ ବୋଲି ଡ଼ିଏଫଓ ଶ୍ରୀ ପଣ୍ଡା କହିଥିଲେ। ବିଜେପି ସାତକୋଶିଅ। ମଣ୍ଡଳ ସଭାପତି ଅନନ୍ତ ବାସୁଦେବ ମହାନ୍ତି, ବିଶ୍ୱଜିତ ମିଶ୍ର, କେନ୍ଦ୍ରମନ୍ତ୍ରୀ ଙ୍କ ଅନୁଗୁଳ ବ୍ଲକ ପ୍ରତିନିଧି ଅ।ଡ଼ଭୋକେଟ ପ୍ରଦୀପ ପ୍ରଧାନ, ପୂର୍ବତନ ସରପଂଚ ଝୁନୁ ବାଳା ପ୍ରଧାନ, ପ୍ରଭାତ ମିଶ୍ର, ସତ୍ୟ ଖିଲାର, ବନମାଳୀ ଧଳ, ଦୀପକ ଦାସ, ବିରେନ ଦାସ, ଅରବିନ୍ଦ ଦାସ, ଲିଟନ ସାହୁ, ବିକ୍ରମ ବେହେରାଙ୍କ ସମେତ ଶତାଧିକ ବିଜେପି କାର୍ଯ୍ୟକର୍ତା ଓ ବନବିଭାଗ ର ଅଧିକାରୀ ମାନେ ଉପସ୍ଥିତ ଥିଲେ ।

ଦୀପାବଳୀ ଉତ୍ସବ ପାଳିତ

ଜଳେଶ୍ୱର,୩।୧୦(ମହାଭାରତ): ଦୀନକୃଷ୍ଣ ଭିନ୍ନକ୍ଷମ ବିଦ୍ୟାଳୟରେ ଅ।ଜି ସନ୍ଧ୍ୟା ୬ ଘଟିକା ସମୟରେ ବିଦ୍ୟାଳୟ ପରିସରରେ ଭିନ୍ନକ୍ଷମ ଅନ୍ତେବାସୀଙ୍କ ସହିତ ଜଳେଶ୍ୱରର ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ଦ୍ୱାରା ଅ।ଲୋକର ପର୍ବ ଦୀପାବଳୀ ଉତ୍ସବ ପାଳିତ ହୋଇଅଛି। ଏହି ଅବସରରେ ଅନୁଷ୍ଠାନର ସାଧାରଣ ସମ୍ପାଦକ ତଥା ନିର୍ଦ୍ଦେଶକ ଅଧ୍ୟାପକ ଯୁଗଳ କିଶୋର ପ୍ରଧାନ ୧୦୮ଟି ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଅ।ନୁଷ୍ଠାନିକ ଭାବରେ ଉଦ୍ଘାଟନ କରିଥିଲେ।ଏହି ଅବସରରେ ଜଳେଶ୍ୱର ବିକାଶ ପରିଷଦର ସାଧାରଣ ସମ୍ପାଦକ ମନୋରଞ୍ଜନ ଦାସ, କୋଷାଧ୍ୟକ୍ଷ ସୌଭିକ କୁମାର ଜେନା, ଉତ୍କଳ ସମ୍ମିଳନୀର ଜଳେଶ୍ୱର ଶାଖାର ଉପସଭାପତି ଅଶୋକ କୁମାର ଦାସ, ଜିଲ୍ଲା ରକ୍ତଦାତା ସଂଘର ସଭାପତି କମଳ ଚକ୍ରବର୍ତ୍ତୀ, ପୂର୍ବତନ କାଉନସିଲର ଜଗଦୀଶ ନନ୍ଦୀଙ୍କ ସହିତ ଅନ୍ୟାନ୍ୟ ଅତିଥି ମାନେ ପିଲାମାନଙ୍କ ସହିତ ସବୁଜ ଅ।ତସବାଜି ଫୁଟାଇ ଏବଂ ଅନ୍ତେବାସୀ ମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରି ଖୁସି ମନାଇଥିଲେ। ଜଳେଶ୍ୱରବାସୀଙ୍କର ଉକ୍ତ ବିଦ୍ୟାଳୟର ଅନ୍ତେବାସୀଙ୍କ ପ୍ରତି ଗଭୀର ଭଲପାଇବା ଏକ ନିଆ।ରା ନିଦର୍ଶନ ସୃଷ୍ଟି କରିଛି। ଏହି ସମସ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ତତ୍ତ୍ୱାବଧାରକ ଅ।ଶିଷ ମହାପାତ୍ର, ସହାୟକ ଚିନାର

ଭାରତକୁ 'ଶତ୍ରୁ ଦେଶ' ତାଲିକାରେ ରଖିଲା କାନାଡା

ଅଟୱା,୧।୧୧(ମହାଭାରତ): କାନାଡାର ଜଷ୍ଟିନ ଟ୍ରୁଡୋ ସରକାର ପ୍ରଥମ ଥର ପାଇଁ ଏକ ସରକାରୀ ଡକ୍ୟୁମେଣ୍ଟରେ ଭାରତକୁ 'ଶତ୍ରୁ ଦେଶ' ତାଲିକାରେ ଅନ୍ତର୍ଭୁକ୍ତ କରିଛନ୍ତି । କାନାଡା ପାଇଁ ଜାତୀୟ ସାଇବର ଧମକ ମୂଲ୍ୟାଙ୍କନ ୨୦୨୫-୨୬ ରିପୋର୍ଟରେ ବିପଦ ଥିବା ଦେଶମାନଙ୍କ ତାଲିକାରେ ଭାରତକୁ ରଖାଯାଇଛି । ଏହି ରିପୋର୍ଟ କାନାଡାର ସାଇବର ସୁରକ୍ଷା କେନ୍ଦ୍ର ଦ୍ୱାରା ପ୍ରକାଶ ପାଇଛି । ଚୀନ୍, ରୁଷିଆ, ଇରାନ ଏବଂ ଉତ୍ତର କୋରିଆ ସହିତ ଭାରତକୁ 'ଶତ୍ରୁ ଦେଶ' ଭାବରେ ତାଲିକାଭୁକ୍ତ କରାଯାଇଛି । ଏଥିରେ ଭାରତକୁ ପ୍ରତିଦ୍ୱନ୍ଦ୍ୱୀ ଦେଶ କୁହାଯାଇଛି । ରିପୋର୍ଟରେ କୁହାଯାଇଛି, ଆମେ ଆକଳନ କରୁଛୁ ଯେ ଭାରତ ସରକାରଙ୍କ ଦ୍ୱାରା ପ୍ରାୟୋଜିତ ସାଇବର ଧମକ ଲୋକମାନେ ଗୁପ୍ତଚର ଉଦ୍ଦେଶ୍ୟରେ କାନାଡା ସରକାରଙ୍କ ନେଟୱାର୍କ ବିରୋଧରେ ସାଇବର ବିପଦ କାର୍ଯ୍ୟକଳାପ କରିପାରନ୍ତି । ଏଥିରେ ଆହୁରି କୁହାଯାଇଛି, କାନାଡା ଏବଂ ଭାରତ ମଧ୍ୟରେ ସରକାରୀ ଦ୍ୱିପାକ୍ଷିକ ସମ୍ପର୍କ କାନାଡା ବିରୋଧରେ ଭାରତ ସରକାରଙ୍କ ଦ୍ୱାରା ପ୍ରାୟୋଜିତ ସାଇବର ଧମକ କାର୍ଯ୍ୟକଳାପକୁ ଆଗେଇ ନେବାର ଆଶଙ୍କା ରହିଛି । ଏହି ରିପୋର୍ଟରେ କୁହାଯାଇଛି, ଭାରତର ନେତୃତ୍ୱ ଘରୋଇ ସାଇବର କ୍ଷମତା ସହିତ ଏକ ଆଧୁନିକ ସାଇବର ପ୍ରୋଗ୍ରାମ ନିର୍ମାଣ କରିବାକୁ ଇଚ୍ଛା କରୁଛନ୍ତି ଏବଂ ଭାରତର ସାଇବର ପ୍ରୋଗ୍ରାମକୁ ଜାତୀୟ ସୁରକ୍ଷା ଆବଶ୍ୟକତା ବାଇବା ପାଇଁ ବ୍ୟବହାର କରିବାର ସମ୍ଭାବନା ରହିଛି । ସେଥି ମଧ୍ୟରେ ଗୁପ୍ତଚର, ଆତଙ୍କବାଦକୁ ମୁକାବିଲା କରିବା, ନିଜର ବିଶ୍ୱ ସ୍ଥିତିକୁ ପ୍ରୋତ୍ସାହିତ କରିବା ପାଇଁ ଉଦ୍ୟମ ଆଦି ରହିଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି ।

ଶାଇନା ଏନସିଙ୍କ ମନ୍ତବ୍ୟକୁ ଆପତିଜନକ ବୋଲି କହିଲା ବିଜେପି

ଏହା ଇଣ୍ଡି ମିଳିତ ମଂଚର ମାନସିକତାକୁ ପ୍ରତିଫଳିତ କରୁଛି

ନୂଆଦିଲ୍ଲୀ,୧।୧୧(ମହାଭାରତ): ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପ୍ରଚାର ସମୟରେ ନେତାଙ୍କ ମଧ୍ୟରେ ବାକ୍ୟ ଯୁଦ୍ଧ ମଧ୍ୟ ଆରମ୍ଭ ହୋଇଛି । ଶିବସେନା (ୟୁବିଟି) ନେତା ଅରବିନ୍ଦ ସାଓ୍ୱନ୍ତ ସାଇନା ଏନଏସ୍ସି'କୁ ବିଦେଶୀ ମାଲ' ବୋଲି କହି କଟାକ୍ଷ କରିଥିଲେ । ଶଇନା ଏନସି ଉପରେ ଦିଆଯାଇଥିବା ଏହି ମନ୍ତବ୍ୟ ଉପରେ ଆକ୍ରମଣ କରି ଭାରତୀୟ ଜନତା ପାର୍ଟି ଏହାକୁ ଇଣ୍ଡି ମେଂଟ ତାର ମାନସିକତାର ସୂଚକ ବୋଲି କହିଛି । ଏହି ମନ୍ତବ୍ୟକୁ ଅତ୍ୟନ୍ତ ଆପତିଜନକ ବୋଲି ବିଜେପି ନିନ୍ଦା କରିଛି । ଶୁକ୍ରବାର ଦିନ ବିଜେପି ମୁଖପାତ୍ର ଶେହଜାଦ ପୁନାୱାଲ ସୋସିଆଲ ମିଡିଆ ପୋଷ୍ଟ ମାଧ୍ୟମରେ କହିଛନ୍ତି ଯେ ଏହା ଅତ୍ୟନ୍ତ ଆପତିଜନକ ମନ୍ତବ୍ୟ । ସେ ସେମାନଙ୍କୁ 'ଆମଦାନୀ ମାଲ' ବୋଲି କହିଥିଲେ । ମହିଳାମାନଙ୍କ ପାଇଁ ଏପରି ଶବ୍ଦ ବ୍ୟବହାର କରିବା ହେଉଛି କଂଗ୍ରେସ-ଆଇଏନଡିଆଇ ମିଳିତ ମଂଚର ମାନସିକତା । ଏହାପୂର୍ବରୁ ଇରଫାନ୍ ଅନସାରୀ ନିକଟରେ ଝାଡଖଣ୍ଡ ବିଧାନସଭାରେ ବିଜେପି ପ୍ରାର୍ଥୀ ତଥା ଆଦିବାସୀ ମହିଳା ସୀତା ସୋରେନଙ୍କୁ "ପ୍ରତ୍ୟାଖ୍ୟାନ ମାଲ " ବୋଲି କହିଥିଲେ । ସେ କହିଛନ୍ତି ଯେ ସମଗ୍ର ଇଣ୍ଡି ମିଳିତ ମଂଚର ଚରିତ୍ର ହେଉଛି ମହିଳାଙ୍କୁ ଅପମାନ କରିବା । ଅରବିନ୍ଦ ସାଓ୍ୱନ୍ତଙ୍କ ବକ୍ତବ୍ୟରେ ପ୍ରିୟଙ୍କା ଚତୁର୍ବେଦି କ୍ଷମା ମାଗିବା ଉଚିତ୍ । ସେ ପ୍ରଶ୍ନ କରିଛନ୍ତି ଯେ ଅରବିନ୍ଦ ସାଓ୍ୱନ୍ତଙ୍କୁ ଦଳରୁ ବରଖାସ୍ତ କରାଯିବ କି? ଯଦି ଏହା ଘଟିବ ନାହିଁ କାରଣ ଏହା ଏକ ମହିଳା ବିରୋଧୀ ମିଳିତ ମଂଚ ଅଟେ ।

ସୂଚନାଯୋଗ୍ୟ ଯେ ବିରୋଧୀ ଦଳର ଏକ ଅଂଶ ଥିବା ଉଦ୍ଧବ ଠାକୁରଙ୍କ ଶିବସେନା ସାଂସଦ ଅରବିନ୍ଦ ସାଓ୍ୱନ୍ତ ନିର୍ବାଚନ ପୂର୍ବରୁ ବିଜେପି ଛାଡି ଏନସିର ଶିବସେନାରେ ଯୋଗଦେବା ଉପରେ ମନ୍ତବ୍ୟ ଦେଇଛନ୍ତି । ସାଓ୍ୱନ୍ତ କହିଛନ୍ତି ଯେ ଏଠାରେ ନିର୍ବାଚନରେ ଆମଦାନୀ ହୋଇଥିବା ସାମଗ୍ରୀ ବ୍ୟବହାର କରାଯାଏ ନାହିଁ । ମୂଳ ସାମଗ୍ରୀ ଏଠାରେ କାମ କରେ ଏବଂ କଂଗ୍ରେସର ଅମିନ ପଟେଲ ହେଉଛନ୍ତି ମୂଳ ପ୍ରାର୍ଥୀ ।

କୃଷି ଓ କୃଷକ କଲ୍ୟାଣ ବିଭାଗ ପକ୍ଷରୁ କେନ୍ଦ୍ରୀୟ ଯୋଜନା 'ନମୋ ଡ୍ରୋନ ଦିଦି'ର ପରିଚାଳନା ମାର୍ଗଦର୍ଶିକା ଜାରି

ନୂଆଦିଲ୍ଲୀ,୧।୧୧(ମହାଭାରତ): ଡିଏଓ୍ୱାଇ- ଏନଆରଏଲଏମ ଅଧୀନରେ ୧୨୬୧ କୋଟି ଟଙ୍କା ବ୍ୟୟ ଅଟକଳରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଡ୍ରୋନ ଯୋଗାଇବା ପାଇଁ କେନ୍ଦ୍ରୀୟ ଯୋଜନା 'ନମୋ ଡ୍ରୋନ୍ ଦିଦି' କୁ ସରକାର ଅନୁମୋଦନ ଦେଇଛନ୍ତି । ଏହି ଯୋଜନାରେ ୨୦୨୪- ୨୫ ରୁ ୨୦୨୫ -୨୦୨୬ ମଧ୍ୟରେ ୧୪୫୦୦ ମନୋନୀତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ କୃଷି ଉଦ୍ଦେଶ୍ୟରେ ବ୍ୟବହାର ନିମନ୍ତେ କୃଷକମାନଙ୍କୁ ଭଡ଼ା ଦେବା (ବର୍ତ୍ତମାନ ପାଇଁ ତରଳ ସାର ଓ କୀଟନାଶକ ପ୍ରୟୋଗ) ପାଇଁ ଡ୍ରୋନ ଯୋଗାଇଦେବାକୁ ଲକ୍ଷ୍ୟ ରଖାଯାଇଛି ।

କୃଷି ଓ କୃଷକ କଲ୍ୟାଣ ବିଭାଗ ଏହି ଯୋଜନାର ପରିଚାଳନା ନିର୍ଦ୍ଦେଶାବଳୀ ଜାରି କରିଛି ଏବଂ 'ନମୋ ଡ୍ରୋନ୍ ଦିଦି' ଯୋଜନାକୁ ତୁରନ୍ତ କାର୍ଯ୍ୟକାରୀ କରିବା ଏବଂ କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିବା ପାଇଁ ଏହି ପରିଚାଳନା ନିର୍ଦ୍ଦେଶାବଳୀର ଅର୍ଥପୂର୍ଣ୍ଣ ଉପଯୋଗ କରିବାକୁ ସମସ୍ତ ଅଂଶୀଦାରଙ୍କୁ ଅନୁରୋଧ କରାଯାଇଛି । ପରିଚାଳନା ନିର୍ଦ୍ଦେଶାବଳୀର ମୁଖ୍ୟ ଉପାଦାନଗୁଡ଼ିକ ନିମ୍ନଲିଖିତ ପ୍ରକାରର ଅଟେ :

କୃଷି ଓ କୃଷକ କଲ୍ୟାଣ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ସାର ବିଭାଗ, ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଏବଂ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟର ସଚିବଙ୍କ କ୍ଷମତାସମ୍ପନ୍ନ କମିଟି ଦ୍ୱାରା ଏହି ଯୋଜନା କେନ୍ଦ୍ର ସ୍ତରରେ ପରିଚାଳିତ ହେବ ।

ଗ୍ରାମ୍ୟ ଉନ୍ନୟନ ବିଭାଗର ଅତିରିକ୍ତ ସଚିବଙ୍କ ଅଧ୍ୟକ୍ଷତାରେ ଗଠିତ କାର୍ଯ୍ୟକାରୀ ଓ ତଦାରଖ କମିଟି ଏବଂ ଅନ୍ୟ ସମସ୍ତ ଅଂଶୀଦାରଙ୍କ ପ୍ରତିନିଧିତ୍ୱ ଏହି ଯୋଜନାର ପ୍ରଭାବଶାଳୀ ଯୋଜନା, କାର୍ଯ୍ୟକାରିତା ଏବଂ ତଦାରଖ ପାଇଁ ଦାୟୀ ରହିବ ଏବଂ ଏହା ଯୋଜନାର କାର୍ଯ୍ୟକାରିତା ସମ୍ବନ୍ଧୀୟ ସମସ୍ତ ବୈଷୟିକ ବିଷୟରେ ସାମଗ୍ରିକ ପରାମର୍ଶ ଏବଂ ମାର୍ଗଦର୍ଶନ ପ୍ରଦାନ କରିବ ।

ଏହି ଯୋଜନା ଅଧୀନରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ପ୍ୟାକେଜ୍ ଭାବରେ ଡ୍ରୋନ୍ କିଣିବା ପାଇଁ ଡ୍ରୋନ୍ ଏବଂ ଅନ୍ୟାନ୍ୟ ଉପକରଣ / ଆନୁଷଙ୍ଗିକ ଶୁଳ୍କର ସର୍ବାଧିକ ୮.୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟର ୮୦% ହାରରେ କେନ୍ଦ୍ରୀୟ ଆର୍ଥିକ ସହାୟତା ପ୍ରଦାନ କରାଯିବ ।

ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକର କ୍ଲଷ୍ଟର ସ୍ତରୀୟ ମହାସଂଘ (ସିଏଲ୍ଏଫ୍) ନାସନାଲ୍ ଏଗ୍ରିକଲଚର ଇନ୍ଫ୍ରା ଫାଇନାନ୍ସିଂ ଫାସିଲିଟି (ଏଆଇଏଫ୍) ଅଧୀନରେ ଋଣ ଆକାରରେ ବଳକା ରାଶି (ସମୁଦାୟ କ୍ରୟ ଖର୍ଚ୍ଚରୁ ରିହାତିକୁ ବାଦ ଦେଇ) ବୃଦ୍ଧି କରିପାରିବେ । ଏଆଇଏଫ୍ ଋଣ ଉପରେ ୩% ହାରରେ ସୁଧ ରିହାତି ସିଏଲଏଫ /ଏସଏଚଜିମାନଙ୍କୁ ପ୍ରଦାନ କରାଯିବ ।

ସିଏଲଏଫ /ଏସଏଚଜିମାନଙ୍କ ପାଖରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟର ଅନ୍ୟାନ୍ୟ ଉତ୍ସ/ କାର୍ଯ୍ୟକ୍ରମ /ଯୋଜନାରୁ ଋଣ ପାଇବାର ବିକଳ୍ପ ରହିବ ।ଏହି ଯୋଜନାରେ କେବଳ ଡ୍ରୋନ ନୁହେଁ, ପ୍ୟାକେଜ ଭାବରେ ଡ୍ରୋନ ଯୋଗାଇ ଦିଆଯିବ । ଏହି ପ୍ୟାକେଜରେ ତରଳ ସାର ଓ କୀଟନାଶକ ସିଂଚନ ପାଇଁ ସ୍ପ୍ରେ ଆସେମ୍ବଲି ସହ ମୌଳିକ ଡ୍ରୋନ, ଡ୍ରୋନ୍ କ୍ୟାରିଂ ବକ୍ସ, ଷ୍ଟାଣ୍ଡାର୍ଡ ବ୍ୟାଟେରୀ ସେଟ୍, ଡାଉନଓ୍ୱାର୍ଡ ଫେସିଂ କ୍ୟାମେରା, ଡୁଆଲ ଚ୍ୟାନେଲ ଫାଷ୍ଟ ବ୍ୟାଟେରୀ ଚାର୍ଜର, ବ୍ୟାଟେରୀ ଚାର୍ଜର ହବ୍, ଆନିମୋମିଟର, ପିଏଚ୍ ମିଟର ଏବଂ ସମସ୍ତ ସାମଗ୍ରୀ ଉପରେ ୧ ବର୍ଷର ଅନସାଇଟ୍ ଗ୍ୟାରେଣ୍ଟି ରହିବ ।

ଏହି ପ୍ୟାକେଜରେ ୦୪ଟି ସ୍କୋୟାର ବ୍ୟାଟେରୀ ସେଟ୍, ଗୋଟିଏ ସ୍କୋୟାର ପ୍ରୋପେଲର ସେଟ୍ (ପ୍ରତି ସେଟ୍ ରେ ୬ଟି ପ୍ରୋପେଲର୍ ଥାଏ), ନୋଜଲ ସେଟ୍, ଡୁଆଲ୍ ଚ୍ୟାନେଲ୍ ଫାଷ୍ଟ ବ୍ୟାଟେରି ଚାର୍ଜର, ବ୍ୟାଟେରୀ ଚାର୍ଜର ହବ୍, ଡ୍ରୋନ୍ ପାଇଲଟ୍ ଓ ଡ୍ରୋନ୍ ଆସିଷ୍ଟାଣ୍ଟଙ୍କ ପାଇଁ ୧୫ ଦିନର ପ୍ରଶିକ୍ଷଣ, ଏକ ବର୍ଷର ବ୍ୟାପକ ବୀମା, ୨ ବର୍ଷର ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି ଏବଂ ପ୍ରଯୁଜ୍ୟ ଜିଏସଟି ରହିଛି । ଅତିରିକ୍ତ ବ୍ୟାଟେରୀ ସେଟ୍ ନିରନ୍ତର ଡ୍ରୋନ୍ ଉଡ଼ାଣକୁ ସୁନିଶ୍ଚିତ କରିବ , ଯାହା ଗୋଟିଏ ଦିନରେ ୨୦ ଏକର ଜମିକୁ ସହଜରେ ଅତିକ୍ରମ କରିପାରିବ ।ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଜଣେ ସଦସ୍ୟଙ୍କୁ ୧୫ ଦିନିଆ ପ୍ରଶିକ୍ଷଣ ପାଇଁ ଚୟନ କରାଯିବ, ଯେଉଁଥିରେ ବାଧ୍ୟତାମୂଳକ ଡ୍ରୋନ୍ ପାଇଲଟ ତାଲିମ ଏବଂ ପୋଷକ ତତ୍ତ୍ୱ ଏବଂ କୀଟନାଶକ ପ୍ରୟୋଗ ପାଇଁ କୃଷି ଉଦ୍ଦେଶ୍ୟରେ ଅତିରିକ୍ତ ପ୍ରଶିକ୍ଷଣ ଅନ୍ତର୍ଭୁକ୍ତ । ବିଦ୍ୟୁତସାମଗ୍ରୀ ମରାମତି, ଫିଟିଂ ଓ ମେକାନିକାଲ୍ କାମ କରିବାକୁ ଇଚ୍ଛା ରଖିଥିବା ଏସ୍ଏଚଜିର ଅନ୍ୟ ସଦସ୍ୟ/ ପରିବାର ସଦସ୍ୟଙ୍କୁ ଡ୍ରୋନ୍ ସହାୟକ ଭାବେ ପ୍ରଶିକ୍ଷଣ ଦିଆଯିବ । ଡ୍ରୋନ୍ ନିର୍ମାତାମାନେ ପରିଚାଳନା ମାର୍ଗଦର୍ଶିକାରେ ଦର୍ଶାଯାଇଥିବା ପ୍ରଶିକ୍ଷଣ କାର୍ଯ୍ୟସୂଚୀ ଅନୁଯାୟୀ ଡ୍ରୋନ୍ ଯୋଗାଣ ସହିତ ପ୍ୟାକେଜ୍ ଭାବରେ ଏହି ପ୍ରଶିକ୍ଷଣ ପ୍ରଦାନ କରିବେ ।

ରାଜ୍ୟ ଗୁଡ଼ିକ ପାଇଁ ଦାୟୀ ମୁଖ୍ୟ ସାର କମ୍ପାନୀ (ଏଲ୍ ଏଫ୍ ସି) ରାଜ୍ୟସ୍ତରରେ ଏହି ଯୋଜନାର କାର୍ଯ୍ୟକାରୀ ଏଜେନ୍ସି ହେବେ ଏବଂ ସେମାନେ ରାଜ୍ୟ ବିଭାଗ, ଡ୍ରୋନ୍ ଉତ୍ପାଦନକାରୀ, ସ୍ୱୟଂ ସହାୟକ ଗୋଷ୍ଠୀ/ ସ୍ୱୟଂ ସହାୟକ ଗୋଷ୍ଠୀର କ୍ଲଷ୍ଟର ସ୍ତରୀୟ ମହାସଂଘ ଏବଂ କୃଷକ/ ହିତାଧିକାରୀ ଇତ୍ୟାଦିଙ୍କ ସହ ଆବଶ୍ୟକ ସମନ୍ୱୟ ସ୍ଥାପନ କରିବେ । ଏକ ନିରପେକ୍ଷ ଏବଂ ସ୍ୱଚ୍ଛ ପ୍ରକ୍ରିୟା ମାଧ୍ୟମରେ ଏଲଏଫସି ଦ୍ୱାରା ଡ୍ରୋନ କ୍ରୟ କରାଯିବ ଏବଂ ଡ୍ରୋନର ମାଲିକାନା ସ୍ୱୟଂ ସହାୟକ ଗୋଷ୍ଠୀ କିମ୍ବା ଏସଏଚଜିର ସିଏଲଏଫ ପାଖରେ ରଖାଯିବ ।

କୃଷି ସେବା ଯୋଗାଇବା ପାଇଁ ଡ୍ରୋନ୍ ର ଚାହିଦା ଥିବା ଅଂଚଳ/ କ୍ଲଷ୍ଟର ଓ ଏସ୍ଏଚଜି ଗୋଷ୍ଠୀ ସଠିକ ଚୟନ ଉପରେ ଏହି ଯୋଜନାର କାର୍ଯ୍ୟକାରିତା ନିର୍ଭର କରେ । ଯେହେତୁ କୃଷିକ୍ଷେତ୍ରରେ ଡ୍ରୋନର ପ୍ରଚଳନ ପ୍ରାରମ୍ଭିକ ପର୍ଯ୍ୟାୟରେ ଅଛି, ରାଜ୍ୟଗୁଡ଼ିକ ଗୋଷ୍ଠୀ ହସ୍ତକ୍ଷେପ ଉପରେ ତୀକ୍ଷ୍ଣ ନଜର ରଖିବେ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ହାତ ଧରିବା ସହାୟତା ପ୍ରଦାନ କରିବେ ଏବଂ ବର୍ଷକୁ ଅତି କମରେ ୨୦୦୦ ରୁ ୨୫୦୦ ଏକର ପରିମିତ ଅଂଚଳରେ ବ୍ୟବସାୟ କରିବାରେ ସେମାନଙ୍କୁ ସାହାଯ୍ୟ କରିବେ । ଡିଏଓ୍ୱାଇ- ଏନଆରଏଲଏମର ରାଜ୍ୟ କୃଷି ବିଭାଗ ଏବଂ ରାଜ୍ୟ ମିଶନ ନିର୍ଦ୍ଦେଶକଙ୍କ ମଧ୍ୟରେ ଏକ ଦୃଢ଼ ସମନ୍ୱୟ ରହିବ ଏବଂ ସେମାନେ ରାଜ୍ୟସ୍ତରୀୟ କମିଟି ସହାୟତାରେ ତୃଣମୂଳ ସ୍ତରରେ ଏହାର ସଫଳ ରୂପାୟନ ପାଇଁ ଯୋଜନାର ମାଲିକାନା ଗ୍ରହଣ କରିବେ ।

ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଫଡନାଭିସଙ୍କ ସୁରକ୍ଷା ବୃଦ୍ଧି

ମୁମ୍ବାଇ, **୧।୧୧(ମହାଭାରତ)** ମହାରାଷ୍ଟ୍ର ପୋଲିସର ଅପରାଧିକ ତଦନ୍ତ ବିଭାଗର ଗୁପ୍ତଚର ରିପୋର୍ଟ ପରେ ହଠାତ୍ ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍ଙ୍କ ସୁରକ୍ଷା ଅଚାନକ ବୃଦ୍ଧି ପାଇଛି । ମୁମ୍ବାଇ ଏବଂ ନାଗପୁରରେ ଫଡନାଭିସ୍ଙ୍କ ବାସଭବନରେ ଫୋର୍ସ-ଓ୍ୱାନ୍ କର୍ମଚାରୀ ନିୟୋଜିତ ହୋଇଛନ୍ତି । ମୁମ୍ବାଇ ପୋଲିସ ସୂତ୍ର ଅନୁଯାୟୀ କ୍ରାଇମବ୍ରାଂଚ ତଦନ୍ତ ବିଭାଗ ଫଡନାଭିସଙ୍କ ଜୀବନ ପ୍ରତି ବିପଦ ଥିବା ନେଇ ଗୁପ୍ତଚର ଆଧାରରେ ଗୃହ ବିଭାଗକୁ ସୂଚନା ଦେଇଛି । ଏହା ପରେ ସରକାର ଫଡନାଭିସର ସୁରକ୍ଷା ପାଇଁ ୧୦ ରୁ ୧୨ ଅତିରିକ୍ତ ଫୋର୍ସ-ଓ୍ୱାନ କମାଣ୍ଡୋ ନିୟୋଜିତ କରିଛନ୍ତି । ଏହି କମାଣ୍ଡୋମାନଙ୍କୁ ଫଡନାଭିସର ନାଗପୁର ଏବଂ ମୁମ୍ବାଇ ନିବାସ ବାହାରେ ନିୟୋଜିତ କରାଯାଇଛି ।

'ଗ୍ୟାରେଣ୍ଟି ସେତିକି ଦିଅ, ଯେତିକି ପୂରା କରିପାରିବ'

ନୂଆଦିଲ୍ଲୀ,୧।୧୧(ମହାଭାରତ): ଆର୍ଥିକ ସଙ୍କଟ ଭିତରେ ଜୁଝି ହେଉଛି କର୍ଣ୍ଣାଟକ ସରକାର । ଆଉ ଏହାରି ଭିତରେ ନିଜ ସରକାର ଉପରେ ଜୋରଦାର ବର୍ଷିଛନ୍ତି କଂଗ୍ରେସ ରାଷ୍ଟ୍ରୀୟ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ । ସିଧା ସିଧା ସରକାରକୁ ଶୁଣେଇବା ସହ, ଖଡଗେ କହିଛନ୍ତି, ଯେତିକି ଦେଇପାରିବେ, ସେତିକିର ଗ୍ୟାରେଣ୍ଟି ଦିଅନ୍ତୁ । ନଚେତ୍ ସରକାର ଦେବାଳିଆ ହେଇଯିବ । ତେବେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ କଂଗ୍ରେସର ଘୋଷଣାପତ୍ରକୁ ନେଇ ଆଲୋଚନା କରୁଥିଲେ । ଯେଉଁଥିରେ ସେ କର୍ଣ୍ଣାଟକରେ ୫ ଗ୍ୟାରେଣ୍ଟି କଥା ଉଠାଇଥିଲେ । ସେ ଦଳର ନେତାଙ୍କୁ କହିଥିଲେ ଯେ, ଆପଣ ନିର୍ବାଚନ ସମୟରେ ୫ ଗ୍ୟାରେଣ୍ଟିର କଥା କହିଥିଲେ, ହେଲେ ଏବେ କିନ୍ତୁ ଗୋଟିଏ

ଗ୍ୟାରେଣ୍ଟିକୁ ରଦ୍ଦ କରିବାକୁ କହୁଛନ୍ତି । ତେଣୁ ୫,୬ କିମ୍ବା ୭ ଗ୍ୟାରେଣ୍ଟି ଦେବା ବଦଳରେ, ବଜେଟ୍ ଅନୁସାରେ ଗ୍ୟାରେଣ୍ଟି ଦେବାକୁ ନିଜ ଦଳର ନେତାଙ୍କୁ କହିଛନ୍ତି ଦଳର ସଭାପତି ମଲ୍ଲିକାର୍ଜୁନ ଖଡଗେ । ନିଜ ଦଳର ନେତାଙ୍କୁ ଚେତାଇ ଖଡଗେ କହିଛନ୍ତି, ଯଦି ଆପଣ ବଜେଟ ଉପରେ ବିଚାର ନକରି ପ୍ରତିଶ୍ରୁତି ଦେବେ, ତେବେ ସରକାର ଦେବାଳିଆ ହେଇଯିବ । ସଡକ ଉପରେ ବାଲି ପକାଇବାକୁ ବି ପଇସା ପାଇବନି । ତେଣୁ ଏ ସରକାର ଯଦି ଅସଫଳ ହେବ, ତେବେ ଏହାର ପ୍ରଭାବ ଆଗାମୀ ପୀଢୀ ଉପରେ ପଡିବ । ଏଥିସହ ସରକାର ଉପରେ ମଧ୍ୟ ଏହାର ପ୍ରଭାବ ପଡିବ, ତେଣୁ ବଜେଟକୁ ଆଖି ଆଗରେ ରଖି ପ୍ରତିଶ୍ରୁତି ଦେବାକୁ କହିଥିଲେ ଖଡଗେ । ସୂଚନାଯୋଗ୍ୟ ଯେ, ଏଥର କର୍ଣ୍ଣାଟକ ନିର୍ବାଚନ ବେଳେ କଂଗ୍ରେସ ୫ଟି ବଡ ଗ୍ୟାରେଣ୍ଟି ଦେଇଥିଲା । ଯେଉଁଥିରେ ଗୃହ ଲକ୍ଷ୍ମୀ ଯୋଜନା ସହ ମହିଳାଙ୍କୁ ପ୍ରତି ମାସରେ ୨ ହଜାର ଟଙ୍କା, ବେରୋଜଗାର ଗ୍ରାଜୁଏଟଙ୍କୁ ଟଙ୍କା ଦେବାକୁ ଘୋଷଣା କରିଥିଲା କଂଗ୍ରେସ । ହେଲେ ଏବେ କିନ୍ତୁ ସେହି ପ୍ରତିଶ୍ରୁତି ଭିତରୁ ଗୋଟିଏ ପ୍ରତିଶ୍ରୁତିକୁ ରଦ୍ଦ କରିବାକୁ ଦଳ ଚିନ୍ତା କରୁଛି । ଯାହାକୁ ନେଇ ନିଜ ଦଳ ଉପରେ ଖପ୍ପା ହେଇଛନ୍ତି ଖଡଗେ ।

ବାଣ ଫୁଟାଇବା ଯୋଗୁଁ ବଢ଼ିଲା ଦିଲ୍ଲୀ ପ୍ରଦୂଷଣ !

ନୂଆଦିଲ୍ଲୀ,୧।୧୧((ମହା।ଭାରତ): ଦିଲ୍ଲୀବାସୀ ମାନିଲେନି । କଟକଣା ସତ୍ତ୍ୱେ ଗତକାଲି ମନଇଚ୍ଛା ବାଣ ଫୁଟାଇଲେ । ତାର ପରିଣାମ ଆଜି ଦେଖିବାକୁ ମିଳିଛି । ଆଜି ସକାଳୁ ଦିଲ୍ଲୀରେ ବାୟୁର ମାନ ଅତି ଖରାପ ସ୍ତରକୁ ଖସିଛି । ଭୟଙ୍କର ପ୍ରଦୂଷଣ । ବାୟୁର ମାନ ମନିଟରିଂ କରୁଥିବା ୪୦ଟି ସ୍ଥାନ ମଧ୍ୟରୁ ଅଧିକ ଜାଗାରେ ବାୟୁ ଅତି ଖରାପ ବୋଲି କୁହାଯାଇଛି । ଏପରି ସ୍ଥିତି ଯେ, ଆଜି ସକାଳୁ ଦିଲ୍ଲୀ ପ୍ରବଳ ଧୂଆଁର ଆସ୍ତରଣ ଭିତରେ ରହିଥିଲା ।ସକାଳେ ଦିଲ୍ଲୀରେ ଏୟାର କ୍ୱାଲିଟି ଇନଡେକ୍ସ ଥିଲା ୩୬୦ । ଏହାକୁ ଅତି ଖରାପ ବୋଲି କୁହାଯାଇଥାଏ । ଏପରିକି ଆନନ୍ଦ ବିହାର ଓ ଆରକେ ପୁରମ ଅଞ୍ଚଳରେ ସ୍ଥିତି ଆହୁରି ସାଂଘାତିକ । ଏଠାରେ AIQ ରହିଛି ୩୯୫ । ସୋନିଆ ବିହାର, ପଞ୍ଜାବୀ ବାଗ, ନର୍ଥ କ୍ୟାମ୍ପସ, ବାଓ୍ୱାନା, ଜାହାଙ୍ଗିରପୁରୀ, ରୋହିନୀ, ଅଶୋକ ନଗର, ନେହରୁ ନଗର ଅଞ୍ଚଳରେ ବି ୩୮୦ରୁ ଅଧିକ ରହିଛି । ଏପରି ବାୟୁ ପ୍ରଦୂଷଣ ମଣିଷର ସ୍ୱାସ୍ଥ୍ୟ ପକ୍ଷେ ବହୁତ କ୍ଷତିକାରକ । ଯଦି କାହାର ଶ୍ୱାସଗତ କିମ୍ବା

ଛାତି ରୋଗ ଅଛି, ତା ପାଇଁ ଆହୁରି ସଂଗୀନ । ଶୀତ ଦିନେ ଦିଲ୍ଲୀରେ ବାୟୁ ପ୍ରଦୂଷଣ ହୋଇଥାଏ । ପଞ୍ଜାବ ଓ ହରିୟାଣାରେ ଏହି ସମୟରେ ନଡ଼ା ପୋଡ଼ି ଯୋଗୁଁ ଦିଲ୍ଲୀରେ ବାୟୁ ପ୍ରଦୂଷଣ ଆହୁରି ବଢ଼ିଥାଏ ।

୫ ବର୍ଷରେ ହେମନ୍ତଙ୍କ ବୟସ ବଢିଛି ୭ ବର୍ଷ

ନୂଆଦିଲ୍ଲୀ,୧।୧୧(ମହାଭାରତ): ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ବାରହେତ ଆସନରୁ ନାମାଙ୍କନ ଦାଖଲ କରିଥିବା ବେଳେ ତାଙ୍କ ସତ୍ୟପାଠରୁ ମିଳିଛି ଚଞ୍ଚଲ୍ୟକର ତ

ଜାଡେଜାଙ୍କ କମାଲ୍ ସତ୍ତ୍ୱେ ସୁଯୋଗ ହାତ ଛଡ଼ା

- ଜାଡେଜା ୫, ୱାଶିଂଟନ୍‌ଙ୍କୁ ୪ ୱିକେଟ
- ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ ୨୩୩, ଭାରତ ୪/୮୭

ମୁମ୍ବାଇ, ୧।୧୧: ଟେଷ୍ଟ ସିରିଜ ହାରିସାରିଥିବା ଭାରତ ଆଜି ତୃତୀୟ ଟେଷ୍ଟରେ ପ୍ରଥମ ଦିବସରେ ଭଲ ପ୍ରଦର୍ଶନ କରିଥିବାବେଳେ ଶେଷ ମୁହୂର୍ତ୍ତରେ ସୁଯୋଗ ହରାଇଛି। ଟେଷ୍ଟର ପ୍ରଥମ ଦିନ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା କମାଲ କରିବା ସହ ୫ ୱିକେଟ ଦଖଲ କରିଛନ୍ତି। ତାଙ୍କୁ ।ଶିଂଟନ ସୁନ୍ଦର ୪ ୱିକେଟ ନେଇ ସାଥ ଦେବାରୁ ନ୍ୟୁଜିଲ୍ୟାଣ୍ଡ ତାର ପ୍ରଥମ ପାଳିରେ ୨୩୫ ରନରେ ଅଟକି ଯାଇଛି। ପ୍ରଥମ ଦିନର ଟି ବ୍ରେକ ପରେ ନ୍ୟୁଜିଲ୍ୟାଣ୍ଡ ଅଲଅ।ଉଟ ହେବାରୁ ଭାରତ ବ୍ୟାଟିଂ କରିବାକୁ ଅ।ସିଥିଲା। କିନ୍ତୁ ଦଳ ସମସ୍ତଙ୍କୁ ନିରାଶ କରିଛି। ଅ।ଜି ଭାରତ ମାତ୍ର ୧୯ ଓଭର ବ୍ୟାଟିଂ କରିଥିବା ବେଳେ ୪ ୱିକେଟ ହରାଇ ପ୍ରଥମ ଦିନରେ ମିଳିଥିବା ସୁଯୋଗକୁ ହାତ ଛଡ଼ା କରିଛି। ପ୍ରଥମ ଦିନ ଦଳ ୪ ୱିକେଟ ହରାଇ ସହ ୮୬ ରନ କରିଛି। ଷଷ୍ଠ ଅପସାରଣ ବେଳକୁ ଶୁବମନ ଗିଲ ୩୧ ରନ ଓ ଋଷଭ ପନ୍ତ ୧ ରନ କରି ଅପରାଜିତ ରହିଛନ୍ତି।ପ୍ରଥମ ଦିନରେ ଦଳ ରୋହିତ ଶର୍ମା(୧୫), ବିରାଟ କୋହଲି(୪), ଯସ୍ୱୀ ଜୈସାଲ(୩୦) ଓ ନାଇଟ ୱାଚମ୍ୟାନ ଭାବେ ଆସିଥିବା ମହମ୍ମଦ ସିରାଜ(୦)ଙ୍କୁ ହରାଇଛି। ଏକଦା ୭୮ ରନ୍‌ରେ ୧ ୱିକେଟ ହରାଇଥିବା ଭାରତ ୬ ରନ୍ ମଧ୍ୟରେ ୩ ୱିକେଟ ହରାଇଛି।

ପ୍ରଥମ ଦିନର ଦୁଇଟି ଅଧିବେଶନ ଦୁଇ ଦଳ ପରସ୍ପର ମଧ୍ୟରେ ବାଣ୍ଟିଥିଲେ। ଲାଗୁଥିଲା ଭାରତ ଶେଷ ସେସନ୍‌କୁ ନିଜ ନିୟନ୍ତ୍ରଣରେ ରଖିବ ହେଲେ ୬ ରନ ଭିତରେ ଦଳ ୩ ୱିକେଟ ହରାଇ ସୁଯୋଗ ହାତ ଛଡ଼ା କରିଛି। ପ୍ରଥମ ଦିନର ଶେଷ ଅଧିବେଶନ ନ୍ୟୁଜିଲ୍ୟାଣ୍ଡ ନିଜ ନିୟନ୍ତ୍ରଣରେ ରଖିବାରୁ ଭାରତୀୟ ଟିମ ଏବେ ବ୍ୟାକଫୁଟକୁ ଚାଲି ଯାଇଛି।

ୱିଲ ୟଙ୍ଗଙ୍କ ୭୧ ଓ ଡାରେଲ ମିଚେଲଙ୍କ ୮୨ ରନ ଇନିଂସ ସତ୍ତ୍ୱେ ଭାରତୀୟ ଟିମ ନ୍ୟୁଜିଲ୍ୟାଣ୍ଡକୁ ଅପେକ୍ଷାକୃତ କମ ସ୍କୋର ୨୩୫ରେ ଅଲଆଉଟ କରି ଦେଇଥିଲା। ଜାଡେଜା ଏକାକୀ ୫ ୱିକେଟ ନେଇଥିବେ ବେଳେ ୱାଶିଂଟନ ସୁନ୍ଦରଙ୍କ ଖାତାକୁ ୪ଟି ସଫଳତା ଯାଇଥିଲା ଅ।କାଶ ଦୀପ ଗୋଟିଏ ୱିକେଟ ପାଇଛନ୍ତି।

ନ୍ୟୁଜିଲ୍ୟାଣ୍ଡ ୨୩୫ ରନରେ ଅଲଅ।ଉଟ ହେବାରୁ ଭାରତ ତାର ପ୍ରଥମ ଇନିଂସ ଅ।ରମ୍ଭ କରିଥିଲା ରୋହିତ ଚମତ୍କାର ଢଙ୍ଗରେ ୩ଟି ଚୌକା ମାରିବାରୁ ସେ ଭଲ ଲୟରେ ଥିବା ସମସ୍ତେ ଆଶା କରିଥିଲେ। କିନ୍ତୁ ମ୍ୟାଟ ହେନରୀଙ୍କ ଗୋଟିଏ ବଲକୁ ସେ ବୁଝି ନ ପାରି ଦ୍ୱିତୀୟ ସ୍ଲିପରେ ୧୫ ରନ କରି ଅ।ଉଟ ହୋଇଯାଇଥିଲେ ଭାରତ ୨୫ ରନରେ ତାର ପ୍ରଥମ ିକେଟ ହରାଇଥିଲା।

ଏହାପରେ ଯଶସ୍ୱୀ ଓ ଗିଲ ସ୍ଥିତି ସମ୍ଭାଳିଥିଲେ ଉଭୟ ଦ୍ୱିତୀୟ ୱିକେଟ ପାଇଁ ଦଳୀୟ ସ୍କୋରକୁ ୨୫ରୁ ନେଇ ୭୮ ରନରେ ପହଞ୍ଚାଇ ଦେଇଥିଲେ। ଲାଗୁଥିଲା ଉଭୟ ଅ।ଜି ପୂରେ ସେସନ୍ ବ୍ୟାଟିଂ କରିବା ମୁଡରେ ରହିଛନ୍ତି। କିନ୍ତୁ ଯଶସ୍ୱୀ ୩୦ ରନ କରିଥିବା ବେଳେ ଏଜାଜ ପଟେଲଙ୍କ ସିଧା ବଲକୁ ରିଭର୍ସ ସ୍ୱିପ ମାରି କ୍ଲିନ ବୋଲ୍ଡ ହୋଇଯାଇଥିଲେ।

ଏହାପରେ ନାଇଟ ।ଚ ମ୍ୟାଚ୍ ଭାବେ ସିରାଜ ଅ।ସିଥିଲେ ସେ ପ୍ରଥମ ବଲରେ ହିଁ ଏଜାଜଙ୍କ ଦ୍ୱାରା ଏଲବିଡବ୍ଲ୍ୟୁ ହୋଇଯାଇଥିଲେ। ବିରାଟଙ୍କ ଠାରୁ ସମସ୍ତେ ବଡ଼ ଇନିଂସର ଅ।ଶା ରଖିଥିଲେ ହେଁ ସେ ପୁଣି ସମସ୍ତଙ୍କୁ ନିରାଶ କରିଛନ୍ତି। ରଚିନ ରବୀନ୍ଦ୍ରଙ୍କ ବଲରେ ୧ ରନ ହାସଲ କରିବା ଲକ୍ଷ୍ୟରେ ସେ ରନ ଅ।ଉଟ ହୋଇଯାଇଥିଲେ। ୭୮ ରନ ଯାଏ ଦଳ ଗୋଟିଏ ୱିକେଟ ହରାଇଥିବା ବେଳେ ୮୪ ରନ ବେଳକୁ ୱିକେଟ ସଂଖ୍ୟା ୪ରେ ପହଞ୍ଚି ଯାଇଥିଲା।ଆଜିର ଶେଷ ବ୍ୟାଟର ଭାବେ ବିରାଟ ଆଉଟ ହେବାରୁ ପନ୍ତ କ୍ରିଜକୁ ଆସିଥିଲେ ସେ ଗୋଟିଏ ବଲରେ ୧ ରନ କରିବା ପରେ ଅମ୍ପାୟାର ଆଜିର ଖେଳକୁ ଶେଷ କରିଥିଲେ। ଆସନ୍ତାକାଲି ଗିଲଙ୍କ ସହ ପନ୍ତ ଭାରତୀୟ ଇନିଂସକୁ ଅ।ଗକୁ ନେବେ ଉଭୟଙ୍କ ଠାରୁ ଦେଶବାସୀ ବଡ଼ ଇନିଂସ ଆଶା ରଖିଛନ୍ତି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରୁଥିବା ନ୍ୟୁଜିଲ୍ୟାଣ୍ଡକୁ ଅ।କାଶ ଦୀପ ୧୫ ରନରେ ପ୍ରଥମ ଝଟକା ଦେଇଥିଲେ। ସେ ଡେଭନ କନୱେ(୪)ଙ୍କୁ ଅ।ଉଟ କରିଥିଲେ। ଅଧିନାୟକ ଟମ ଲାଥମ ଭଲ ଲୟରେ ଥିଲେ ହେଁ ୨୮ ରନ କରି ୱାଶିଂଟନଙ୍କ ପ୍ରଥମ ଶିକାର ବନିଥିଲେ। ରଚିନ ରବୀନ୍ଦ୍ର ମାତ୍ର ୫ ରନ କରି ୱାଶିଂଟନଙ୍କ ଦ୍ୱିତୀୟ ଶିକାର ବନିଥିଲେ।

ଲଞ୍ଚ ସୁଦ୍ଧା ନ୍ୟୁଜିଲ୍ୟାଣ୍ଡ ୩ ୱିକେଟ ହରାଇ ୯୨ ରନ କରିଥିଲା ଲଞ୍ଚ ପରେ ୟଙ୍ଗ ଓ ମିଚେଲ ସ୍ଥିତି ସମ୍ଭାଳିଥିଲେ ଉଭୟ ଦଳ ସ୍କୋରୁ ୭୨ରୁ ନେଇ ୧୫୯ରେ ପହଞ୍ଚାଇ ଦେଇଥିଲେ। ୟଙ୍ଗଙ୍କ ବ୍ୟାଟରୁ ମଧ୍ୟ ଜବରଦସ୍ତ ଅର୍ଦ୍ଧଶତକ ଦେଖିବାକୁ ମିଳିଥିଲା। କିନ୍ତୁ ଦଳୀୟ ସ୍କୋର ୧୫୯ ଥିବା ବେଳେ ଜାଡେଜା ଏହି ଭାଗିଦାରୀକୁ ଭାଙ୍ଗି ଥିଲେ। ସେ ୭୧ ରନ କରିଥିବା ୟଙ୍ଗଙ୍କୁ ଅ।ଉଟ କରି ଭାରତକୁ ୪ର୍ଥ ସଫଳତା ଦେଇଥିଲେ।

ସମାନ ଓଭରରେ ଟମ ବ୍ଲଣ୍ଡେଲ ଖାତା ଖୋଲିବା ପୂର୍ବରୁ ଜାଡେଜାଙ୍କ ଶିକାର ବନିଥିଲେ ଟି ଟାଇମ ପୂର୍ବରୁ ମିଚେଲ ଅର୍ଦ୍ଧଶତକ ହାସଲ କରିଥିଲେ। କିନ୍ତୁ ଅନ୍ୟପଟେ ଥିବା ଗ୍ଲେନ ଫିଲିପ୍ସ(୧୭)ଙ୍କୁ ଜାଡେଜା ବୋଲ୍ଡ କରି ଦେଇଥିଲେ। ଚା ପାନ ବିରତି ସୁଦ୍ଧା ନ୍ୟୁଜିଲ୍ୟାଣ୍ଡ ୬ ୱିକେଟ ହରାଇ ୧୯୨ ରନ କରିଥିଲା ।

ଚା ପାନ ବିରତି ବ୍ରେକରୁ ଫେରିବା ପରେ ମିଚେଲ ବଡ଼ବଡ଼ ଶଟ ଖେଳିବା ଅ।ରମ୍ଭ କରିଥିଲେ କିନ୍ତୁ ତାଙ୍କୁ ଅନ୍ୟ କୌଣସି ବ୍ୟାଟର ସାଥ ଦେଇ ନଥିଲେ ଇଶ ଶୋଢ଼ି ମାତ୍ର ୭ ରନ କରି ଜାଡେଜାଙ୍କ ବଲରେ ଆଉଟ ହୋଇଥିଲେ। ସମାନ ଓଭରରେ ସେ ମ୍ୟାଟ ହେନରୀ(୦)ଙ୍କୁ ମଧ୍ୟ ବୋଲ୍ଡ କରିଥିଲା ଏହି ସଫଳତା ସହ ସେ ଟେଷ୍ଟ କ୍ୟାରିୟରରେ ଆଉ ଏକ ୫ ୱିକେଟ ସଫଳତା ହାସଲ କରିଥିଲେ।

ନ୍ୟୁଜିଲ୍ୟାଣ୍ଡ ୨୧୦ରେ ୮ଟି ୱିକେଟ ହରାଇ ସାରିଥିଲେ ହେଁ ମିଚେଲ କାଉଣ୍ଟର ଅ।ଟାକ ଜାରି ରଖିଥିଲେ କିନ୍ତୁ ଏହାକୁ ବେଶୀ ଲମ୍ବା କରିବାକୁ ଦେଇ ନଥିଲେ। ୱାଶିଂଟନ ସେ ୮୨ ରନ କରିଥିବା ମିଚେଲଙ୍କୁ ଆଉଟ କରି ନ୍ୟୁଜିଲ୍ୟାଣ୍ଡକୁ ୯ମ ଝଟକା ଦେଇଥିଲେ। ଏଜାଜ ପଟେଲ ଗୋଟିଏ ଛକା ମାରିଥିଲେ ହେଁ ତାଙ୍କୁ ଆଉଟ କରି ୱାଶିଂଟନ ନ୍ୟୁଜିଲ୍ୟାଣ୍ଡର ପ୍ରଥମ ଇନିଂସରେ ପୂର୍ଣ୍ଣଚ୍ଛେଦ ଟାଣିଥିଲେ ।

ବୁମରାଙ୍କୁ ବିଶ୍ରାମ

ନୂଆଦିଲ୍ଲୀ, ୧।୧୧(ଏଜେନ୍ସି): ଭାରତ ଟେଷ୍ଟ ସିରିଜ ହାରି ସାରିଥିବାରୁ ତୃତୀୟ ମ୍ୟାଚ୍‌ରେ ଦଳ ବୁମରାଙ୍କୁ ବିଶ୍ରାମ ଦେବାକୁ ନିଷ୍ପତ୍ତି ନେଇଛି। କାରଣ ଏହି ସିରିଜ ପରେ ଭାରତୀୟ ଟିମ ଗୁରୁତ୍ୱପୂର୍ଣ୍ଣ ବର୍ଡର-ଗାଭାସ୍କର ଟ୍ରଫି ଖେଳିବାକୁ ଅଷ୍ଟ୍ରେଲିଆ ଗସ୍ତ

କରିବ। ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଅନୁଷ୍ଠିତ ହେବାକୁ ଥିବା ୫ ଟିକିଆ ଟେଷ୍ଟ ସିରିଜର ପ୍ରଥମ ମ୍ୟାଚ୍ ନଭେମ୍ବର ୨୨ରୁ ଆରମ୍ଭ ହେବ।

ଏଥିପାଇଁ ଭାରତୀୟ ଟିମ ନଭେମ୍ବର ୧୦ରୁ ଅଷ୍ଟ୍ରେଲିଆ ଗସ୍ତ କରିବ ଏହି ସମୟରେ ବୁମ୍ରା ଦଳ ସହ ଯୋଗ ଦେବେ ସେ ତୃତୀୟ ଟେଷ୍ଟ ଖେଳିବାକୁ ମୁମ୍ବାଇ ଯାଇଥିଲେ ହେଁ ସେଠାରୁ ନିଜ ଘର ଅହମଦାବାଦକୁ ଚାଲି ଯାଇଛନ୍ତି। ତାଙ୍କୁ ସ୍କ୍ୱାଡରୁ ରିଲିଜ କରି ଦିଅ।ଯାଇଛି। ବୁମରାଙ୍କ ଅନୁପସ୍ଥିତିରେ ଦ୍ୱିତୀୟ ଟେଷ୍ଟରେ ବାଦ ପଡ଼ିଥିବା ମହମ୍ମଦ ସିରାଜ ଦ୍ରୁତ ବୋଲିଂ ବାହିନୀର କମାଣ ସମ୍ଭାଳିଛନ୍ତି। ତାଙ୍କ ସହ ଆକାଶଦୀପ ରହିଛନ୍ତି। ବିସିସିଆଇର ଗୋଟିଏ ସୂତ୍ରରେ କୁହାଯାଇଛି ଯେ ବୁମରା ମୁମ୍ବାଇ ଟେଷ୍ଟରେ ଖେଳିବେ ନହିଁ ସେ ଘରକୁ ଚାଲି ଯାଇଛନ୍ତି ଭାରତୀୟ ଟିମ ମ୍ୟାନେଜମେଣ୍ଟ ତାଙ୍କୁ ବିଶ୍ରାମ ଦେବାକୁ ଚାହୁଁଛି। ଏହାଦ୍ୱାରା ଅଷ୍ଟ୍ରେଲିଆ ସିରିଜ ପୂର୍ବରୁ ସେ ରିଲାକ୍ସ ହୋଇ ପାରିବେ ଅଷ୍ଟ୍ରେଲିଆ। ଗସ୍ତ ବେଳେ ସେ ଟିମ ସହ ଯୋଗଦେବେ।

ଟି-୨୦ ସିରିଜ ପାଇଁ ଦକ୍ଷିଣ ଆଫ୍ରିକା ଦଳ ଘୋଷଣା

ନୂଆଦିଲ୍ଲୀ, ୧।୧୧: ପୁଣି ଥରେ ଟି-୨୦ରେ ମୁହାଁମୁହିଁ ହେବାକୁ ଯାଉଛନ୍ତି ଭାରତ ଓ ଦକ୍ଷିଣ ଅ।ଫ୍ରିକା। ଅ।ଇସିସି ଟି-୨୦ ବିଶ୍ୱକପ ୨୦୨୪ ଫାଇନାଲ ପରେ ଏବେ ଭାରତ ଓ ଦକ୍ଷିଣ ଅ।ଫ୍ରିକା ମଧ୍ୟରେ ୪ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ ଖେଳା ହେବାକୁ ଯାଉଛି। ଏହି ସିରିଜ ଖେଳିବାକୁ ଭାରତୀୟ ଟିମ ଦକ୍ଷିଣ ଅ।ଫ୍ରିକା ଗସ୍ତ କରିବ। ଆସନ୍ତା ୮ ତାରିଖରୁ ଅ।ରମ୍ଭ ହେବାକୁ ଥିବା ସିରିଜ ପାଇଁ ଆଜି ଘରୋଇ ଦଳ ୧୬ ଜଣିଆ। ସ୍କ୍ୱାଡ ଘୋଷଣା କରିଛି।

ଜୁନ ୨୯ରେ ଭାରତୀୟ ଟିମ ବିଶ୍ୱକପ ଫାଇନାଲରେ ଦକ୍ଷିଣ ଅ।ଫ୍ରିକାକୁ ହରାଇ ଟ୍ରଫି କବଜା କରିଥିଲା ।ଏବେ ଘରୋଇ ମାଟିରେ ଦକ୍ଷିଣ ଆଫ୍ରିକା ଫାଇନାଲ ପରାଜୟର ପ୍ରତିଶୋଧ ନେବାକୁ ଚେଷ୍ଟା କରିବ। ବିଶ୍ୱକପ ଫାଇନାଲ ପରେ ଉଭୟ ଦେଶ ପ୍ରଥମଥର ପାଇଁ ମୁହାଁମୁହିଁ ହେବାକୁ ଯାଉଛନ୍ତି। ଏହି ସିରିଜରେ ଦକ୍ଷିଣ ଆଫ୍ରିକାର ନେତୃତ୍ୱ ଏଡେନ ମାକର୍ମ ନେବେ ମଧ୍ୟକ୍ରମରେ ପ୍ୟାର ହିଟର ଡାଭିଡ ମିଲରଙ୍କ ସହ ହେନରିଚ କ୍ଲାସେନ ରହିଛନ୍ତି ସ୍ପିନ ବୋଲିଂର କମାଣ କେଶବ ମହାରାଜ ସମ୍ଭାଳିବେ ଦ୍ରୁତ ବୋଲିଂ ବାହିନୀରେ ମାର୍କୋ ୟାନସେନଙ୍କ ସହ ଗେରାଲ୍ଡ କୋଏଜି ଅଛନ୍ତି। ଅଲରାଉଣ୍ଡର ମିହଲାଲି ଏମପୋଙ୍ଗାନାଙ୍କୁ ପ୍ରଥମଥର ପାଇଁ ଜାତୀୟ ଦଳରେ ସୁଯୋଗ ମିଳିଛି ସିଏସଏ ଟି୨୦ ଚ୍ୟାଲେଞ୍ଜରେ ସେ ୧୨ ିକେଟ ନେବା ସହ ବ୍ୟାଟରେ କମାଲ କରିଥିବାରୁ ତାଙ୍କୁ ଭାରତ ବିପକ୍ଷ ସିରିଜରେ ସାମିଲ କରାଯାଇଛି ତାଙ୍କ ସହ ଅନକ୍ୟାପଡ ଅଲରାଉଣ୍ଡର ଅ।ନ୍ଦିଲେ ସିମେଲେନ ମଧ୍ୟ ସ୍କ୍ୱାଡରେ ରହିଛନ୍ତି ସେ ଜାତୀୟ ଦଳ ସହ ସେପ୍ଟେମ୍ବରରେ ୟୁଏଇ ଗସ୍ତ କରିଥିଲେ।

ତେବେ ଦକ୍ଷିଣ ଅ।ଫ୍ରିକାର ଷ୍ଟାର ଦ୍ରୁତ ବୋଲର କାଗିସୋ ରବାଡାଙ୍କୁ ବିଶ୍ରାମ ଦିଅ।ଯାଇଛି ନଭେମ୍ବର ଶେଷ ଭାଗରେ ଶ୍ରୀଲଙ୍କା ବିପକ୍ଷରେ ଦଳ ଘରୋଇ ମାଟିରେ ଟେଷ୍ଟ ସିରିଜ ଖେଳିବ ଏଥିପାଇଁ ଲୁଙ୍ଗି ଏନଗିଡିଙ୍କୁ ମଧ୍ୟ ଟି-୨୦ ସ୍କ୍ୱାଡରେ ରଖାଯାଇ ନାହିଁ ଅନ୍ତର୍ଜାତୀୟ କ୍ରିକେଟରେ ୧୮ଟି କେଟ ନେଇଥିବା ଲୁଥୋ ସିମ୍ପାଲାଙ୍କୁ କେବଳ ତୃତୀୟ ଓ ୪ର୍ଥ ଟି-୨୦ ମ୍ୟାଚ ପାଇଁ ଚୟନ କରାଯାଇଛି।

ଦକ୍ଷିଣ ଅ।ଫ୍ରିକା ସ୍କ୍ୱାଡ: ଏଡେନ ମାର୍କମ(ଅଧିନାୟକ), ଓଟ୍ଟନେଲ ବାର୍ଟମାନ, ଗେରାଲ୍ଡ କୋଏଜି, ଡୋନୋଭାନ ଫେରେଇରା, ରେଜା ହେଣ୍ଡ୍ରିକ୍ସ, ମାର୍କୋ ୟାନସେନ, ହେନରିଚ କ୍ଲାସେନ, ପାଟ୍ରିକ କୁରଗେର, କେଶବ ମହାରାଜ, ଡାଭିଡ ମିଲର, ମିହଲାଲୀ ଏମପୋଙ୍ଗାନା, ଏନକ୍ୱାବା ପିଟର, ରୟାନ ରିକେଲଟନ, ଅ।ନ୍ଦିଲେ ସିମେଲେନ, ଲୁଥୋ ସିମ୍ପଲା(ତୃତୀୟ ଓ ୪ର୍ଥ ଟି-୨୦) ଓ ଟ୍ରିଷ୍ଟାନ ଷ୍ଟବ୍ସ।

ହଂକଂ ସୁପର ସିକ୍ସ : ଭାରତ ହାରିଲା

ନୂଆ।ଦିଲ୍ଲୀ, ୧।୧୧: ହଂକଂ କ୍ରିକେଟ ସିକ୍ସ ଟୁର୍ନାମେଣ୍ଟରେ ପାକିସ୍ତାନ ଭାରତକୁ ୬ ଉଇକେଟରେ ପରାସ୍ତ କରିଛି। ପାକିସ୍ତାନୀ ଦଳ ବର୍ତ୍ତମାନ ଗ୍ରୁପ ପର୍ଯ୍ୟାୟର ଉଭୟ ମ୍ୟାଚ ଜିତି କ୍ୱାର୍ଟର ଫାଇନାଲରେ ସ୍ଥାନ ହାସଲ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ଖେଳୁଥିବା ଟିମ ଇଣ୍ଡିଆ। ନିର୍ଦ୍ଧାରିତ ୫ ଓଭରରେ ୧୧୯ ରନ ସଂଗ୍ରହ କରିଥିଲା। ପାକିସ୍ତାନ ଦଳ କୌଣସି ଉଇକେଟ ହରାଇ ୬ ଉଇକେଟ ଜିତିଛି ହଂକଂ ସିକ୍ସ ଟୁର୍ନାମେଣ୍ଟରେ ଗୋଟିଏ ଦଳ ୬ ଖେଳାଳିଙ୍କ ସହ ଫିଲ୍ଡକୁ ଓହ୍ଲାଇଥାଏ। ରବିନ ଉଥାପ୍ପା ଏବଂ ଭରତ ଚିପଲି ଭାରତ ପାଇଁ ଇନିଂସ ଅ।ରମ୍ଭ କରିଥିଲେ ।ଉଥାପ୍ପା ୮ ଟି ବଲରେ ୩୧ ରନ ସଂଗ୍ରହ କରିଥିବାବେଳେ ଭରତ ୧୬ଟି ବଲରେ ୫୩ ରନ୍‌ର ଚମତ୍କାର ଇନିଂସ ଖେଳିଥିଲେ। କେଦାର ଯାଦବ ମାତ୍ର ୮ ରନ ସ୍କୋର କରିଥିଲେ। ତାଙ୍କ ପରେ ମନୋଜ ତିାରୀ ୭ଟି ବଲରେ ୧୭ ରନ ଇନିଂସ ଖେଳି ଦଳକୁ ୧୧୯ ସ୍କୋରକୁ ନେବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ଫାହିମ ଅ।ଶ୍ରାଫ ।ପାକିସ୍ତାନ ପାଇଁ ଉଭୟ ଉଇକେଟ ନେଇଥିଲେ।

ଜାଡେଜାଙ୍କ ରେକର୍ଡ

ନୂଆଦିଲ୍ଲୀ, ୧।୧୧: ଟିମ ଇଣ୍ଡିଆର ଭେଟରାନ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ଶେଷ ଟେଷ୍ଟର ପ୍ରଥମ ଇନିଂସରେ କମାଲ କରିଛନ୍ତି। ସେ ଏକାକୀ କିଓ୍ୱି ଟିମର ୫ ୱିକେଟ ଦଖଲ କରିବାରୁ ଭ୍ରମଣକାରୀ ଦଳ ୨୩୫ ରନରେ ଅଟକି ଯାଇଛି।

୬୭ ରନ ଦେଇ ୫ ୱିକେଟ ଦଖଲ କରିବା ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ ଜାଡେଜାଙ୍କ ସର୍ବଶ୍ରେଷ୍ଠ ପ୍ରଦର୍ଶନ। ଆଜି ୫ ୱିକେଟ ଦଖଲ କରିବା ପରେ ଜାଡେଜା ଏକାଧିକ ରେକର୍ଡର ଅଧିକାରୀ ହୋଇଛନ୍ତି। ସେ ପାକିସ୍ତାନର କିମ୍ବଦନ୍ତୀ କ୍ରିକେଟର ଅବଦୁଲ କାଦିରଙ୍କ ରେକର୍ଡ କ୍ଲବର ସମକକ୍ଷ ହୋଇଥିବା ବେଳେ ଭାରତର ଦ୍ରୁତ ବୋଲର ଈଶାନ୍ତ ଶର୍ମାଙ୍କୁ ପଛରେ ପକାଇ ଦେଇଛନ୍ତି। କାଦିର ଘରୋଇ ମାଟିରେ ଖେଳିଥିବା ଟେଷ୍ଟରେ ଦଖଲ କରିଥିବା ସର୍ବାଧିକ ୫ ୱିକେଟ ତାଲିକାରେ ଜାଡେଜା ସାମିଲ ହୋଇଛନ୍ତି। ଜାଡେଜା ଆଜି ୨୨ ଓଭରରେ ଗୋଟିଏ ମେଡେନ ନେବା ସହ ୬୫ ରନ ଦେଇ ୫ ୱିକେଟ ହାସଲ କରିଛନ୍ତି। ଟେଷ୍ଟ କ୍ରିକେଟରେ ସର୍ବାଧିକ ଥର ୫ ୱିକେଟ ନେବା ତାଲିକାରେ ଜାଡେଜା ଯୁଗ୍ମ ଭାବେ ୮ ସ୍ଥାନରେ ରହିଛନ୍ତି। କାଦିର ଓ ସେ ଗୋଟିଏ ସ୍ଥାନରେ ଅଛନ୍ତି। ଉଭୟ ୧୨ ଥର ଲେଖାଏ ୫ ୱିକେଟ ଦଖଲ କରିଛନ୍ତି। କାଦିର ୧୯୭୭ରୁ ୧୯୯୦ ମଧ୍ୟରେ ୪୦ଟି ଟେଷ୍ଟ ଖେଳି ୧୬୮ଟି ୱିକେଟ ନେଇଥିଲେ। ତାଲିକାର ୧ ନଂ ସ୍ଥାନରେ ଶ୍ରୀଲଙ୍କାର ମୁଥିଆ। ମୁରଲୀଧରନ ରହିଛନ୍ତି। ସେ ଘରୋଇ ମାଟିରେ ୪୯୩ ୱିକେଟ ନେଇଥିବା ବେଳେ ଏହା ମଧ୍ୟରେ ୪୫ଟି ୫ଫର ରହିଛି।

ରବି ଅଶ୍ୱିନ ୨୯ ଥର, ରଙ୍ଗନା ହେରାଥ ୨୬ ଥର, ଅନୀଲ କୁମ୍ବଲେ ୨୫ ଥର, ହରଭଜନ ସିଂହ ୧୮ ଥର, ଶେନ ୱାର୍ଣ୍ଣ ୧୫ ଥର, ସାକିବ ଅଲ ହାସନ ୧୪ଥର, ଅବଦୁଲ କାଦିର ୧୨ ଥର ଓ ରବୀନ୍ଦ୍ର ଜାଡେଜା ୧୨ ଥର ୫ କିମ୍ବା ତାଠାରୁ ଅଧିକ ୱିକେଟ ନେଇଛନ୍ତି।

ଅନ୍ୟପକ୍ଷରେ ଜାଡେଜା ଅ।ଜିର ସଫଳତା ପରେ ଭାରତ ପାଇଁ ସର୍ବାଧିକ ୱିକେଟ ଦଖଲ କରିଥିବା ଖେଳାଳିଙ୍କ ତାଲିକାର ୫ନଂ ସ୍ଥାନରେ ପହଞ୍ଚି ଯାଇଛନ୍ତି। ସେ ଏହି ମାମଲାରେ ଜହିର ଖାନ ଓ ଈଶାନ୍ତ ଶର୍ମାଙ୍କୁ ଟପି ଯାଇଛନ୍ତି। ଉଭୟ ଟେଷ୍ଟ କ୍ରିକେଟରେ ଭାରତ ପାଇଁ ୩୧୧ଟି ଲେଖାଏ ୱିକେଟ ନେଇଥିବା ବେଳେ ଜାଡେଜାଙ୍କ ୱିକେଟ ସଂଖ୍ୟା ୩୧୪ରେ ପହଞ୍ଚି ଯାଇଛି। ଆଜି ସେ ଗ୍ଲେନ ଫିଲିପ୍ସଙ୍କୁ ଆଉଟ କରିବା ପରେ ତାଙ୍କ ୱିକେଟ ସଂଖ୍ୟା ୩୧୨ରେ ପହଞ୍ଚିଥିଲା ଏହାପରେ ସେ ଈଶ ଶୋଢ଼ି ଓ ମ୍ୟାଟ ହେନରୀଙ୍କୁ ଆଉଟ କରିଥିଲେ।

ଭାରତ ପାଇଁ ଟେଷ୍ଟ କ୍ରିକେଟରେ ସର୍ବାଧିକ ୱିକେଟ ଦଖଲ କରିବା ତାଲିକାର ୧ନଂ ସ୍ଥାନରେ ଅନୀଲ କୁମ୍ବଲେ(୬୧୯) ରହିଥିବା ବେଳେ ତାଙ୍କ ତଳକୁ ରବି ଅଶ୍ୱିନ(୫୩୩), କପିଲ ଦେବ(୪୩୪), ହରଭଜନ ସିଂହ(୪୧୭) ଓ ଜାଡେଜା(୩୧୪) ରହିଛନ୍ତି।

ବାଂଲାଦେଶର ସର୍ବବୃହତ୍ ଟେଷ୍ଟ ପରାଜୟ

ଚଟ୍ଟୋଗ୍ରାମ, ୧।୧୧: ଘରୋଇ ମାଟିରେ ଲଜ୍ଜାଜନକ ରେକର୍ଡ ମୁଣ୍ଡାଇଛି ବାଂଲାଦେଶ ଦଳ। ତା ଟେଷ୍ଟ ଇତିହାସରେ ଦ୍ୱିତୀୟ ସର୍ବବୃହତ୍ତ ପରାଜୟର ସମ୍ମୁଖୀନ ହୋଇଛି। ଦ୍ୱିତୀୟ ଟେଷ୍ଟରେ ବାଂଲାଦେଶକୁ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ଗୋଟିଏ ଇନିଂସ ଓ ୨୭୩ ରନରେ ପରାସ୍ତ କରିଛି।ଏଥିସହ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜକୁ ଦକ୍ଷିଣ ଅ।ଫ୍ରିକା କ୍ଲିନସ୍ୱୁଇପ କରିଛି। ୨୦୦୨ ପରେ ବାଂଲାଦେଶର ଏହା ପ୍ରଥମ ସର୍ବବୃହତ୍ତ ଟେଷ୍ଟ ପରାଜୟ। ୨୦୦୨ରେ ରିଡଲେ ଜ୍ୟାକବଙ୍କ ୱେଷ୍ଟଇଣ୍ଡିଜ ବାଂଲା ଟାଇଗରକୁ ଗୋଟିଏ ଇନିଂସ ଓ ୩୧୦ ରନରେ ହରାଇଥିଲା।ଏବେ ଚଟ୍ଟୋଗ୍ରାମରେ ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଟେଷ୍ଟରୁ ୩ ଦିନରୁ କମ ସମୟରେ ଶେଷ କରି ଦେଇଛି। ଏହାର ଦକ୍ଷିଣ ଆଫ୍ରିକାର ସର୍